ମାୟାଧର ମାନସିଂହ

ମାଟିବାଣୀ

Digitized by srujanika@gmail.com

ମାଟି-ବାଣୀ

ମାୟାଧର ମାନସିଂହ

ପ୍ରକାଶକ
ଭରତୀ ବହାର
ଚଉଳିଆଗଞ୍ଜ
କଟକ

ଏକଟଙ୍କା ଚରଅଣା

Digitized by srujanika@gmail.com

ଉତ୍ସର୍ଗ

ମାନ୍ୟବର ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ

ଙ୍କର କମଳେଷୁ;

କରିବାକୁ ଯେଉଁ ମୃତ୍ତିକା ଉର୍ବର
ଯଜପୁନ ହୋଇ ଦଅ ସ୍ୱେଦ ଜଳ,
କବ ଶୁଣାଇବ ସେହି "ମାଟି-ବାଣୀ"
ତୁମ୍ଭେ ତାର ଶ୍ରେଷ୍ଠ ସେବାକାମ୍ୟ ଜାଣି ।
ସେହି ମାଟି ହିଁ ପାରେ ଦେଶ ବ୍ୟଥା
ଶିଖିଛୁ ଯେ ମାଟି, ବୁଝେ ମାଟି-କଥା ।

ବଶମ୍ବଦ

ଶ୍ରୀ ମାୟାଧର ମାନସିଂହ

Digitized by srujanika@gmail.com

ଭୂମିକା

ଯେଉଁ ଦେଶର ମାଟିରେ ମୁଁ ଏହି ଧରା ସଂଗେ ପ୍ରଥମ
ସଂପର୍କ ସ୍ଥାପନ କରିଥିଲି, ସେହି ମାଟିର
ଜନ, ଜନତା, ସୁଖ ଦୁଃଖକୁ ଅଶ୍ରୁ
କରି ଯେଉଁ କେତୋଟି କବିତା
ଲେଖିଥିଲି, ତାହା ଏହି
'ମାଟି-ବାଣୀ' ଗ୍ରନ୍ଥରେ
ଏକତ୍ର କରି ପ୍ରକାଶ
କରୁଛି ।

ମାୟାଧର ମାନସିଂହ

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । କୁଟୀର ଚିତ୍ରନ	୧
୨ । ପଦ୍ମାନଦୀରେ ଜ୍ୟୋତ୍ସ୍ନାବିହାର	୩
୩ । ଭାରବାହୀ	୧୧
୪ । ଗ୍ରୀଷ୍ମ ସନ୍ଧ୍ୟା ...	୧୬
୫ । ବର୍ଷା ସନ୍ଧ୍ୟା ...	୨୪
୬ । ରେଙ୍ଗୁନ ଚିଠି	୨୬
୭ । ଘରଚଣା	୩୨
୮ । ବିଲ ଲକ୍ଷ୍ମୀ	୩୯
୯ । ଗୋପ-ତର୍ପଣ	୪୨
୧୦ । ଗୋପ-ପ୍ରୟାଣ	୪୬
୧୧ । ଗୋପବନ୍ଧୁ ...	୫୫
୧୨ । ଚନ୍ଦ ଶେଖର	୫୬
୧୩ । ସ୍ୱଭାବ କବି ଗୋପାଳକୃଷ୍ଣ ...	୫୭
୧୪ । ବାପୁଜୀ	୫୮
୧୫ । ଗାନ୍ଧିଜୀ	୬୨
୧୬ । ନାପିତୁଣୀର ଗାନ୍ଧି ଟୁଙ୍କା	୬୬
୧୭ । ରବୀନ୍ଦ୍ରନାଥ	୭୦
୧୮ । ଭଅଣୋଇ-ଆଳାପ	୭୧
୧୯ । ବୋଇତ ବନ୍ଦାଣ	୭୭
୨୦ । ନଷ୍ଟ-ପକ୍ଷୀ	୮୪

Digitized by srujanika@gmail.com

ବିଷୟ	ପୃଷ୍ଠା
୨୧ । ଅନୁଢ଼ା	୮୨
୨୨ । ଭଣ୍ଡ ଭାବ ...	୯୧
୨୩ । ବନ୍ଧୁ ଉଦ୍ୟୋଗେ	୯୯
୨୪ । ହେ ବନ୍ଧୁ ...	୧୦୨
୨୫ । ସ୍ୱାର୍ଥ ଓ ମା ...	୧୦୫
୨୬ । ହେ ନନ୍ଦ କୁମାର	୧୦୮
୨୭ । ଝତ୍ରୁସ୍ତ ଝତ୍କଳ	୧୧୦
୨୮ । ରାଧାନାଥ ...	୧୧୪
୨୯ । ବନ୍ଦେ ଉତ୍କଳ ଜନନୀ	୧୧୫

Digitized by srujanika@gmail.com

କୁଟୀର ଚିରନ୍ତନ

ଧୂଳି ହୋଇ ମିଶିଛି ମାଟିରେ
କେତେ କେତେ ସମ୍ରାଟର ଘର
ସ୍ୱପ୍ନର ସମାଗମ ପରି
ସେଥି ଆଜି ଚରେ ବନଚର ।

ଛିନ୍ନ କୁଟେ ଦରିଦ୍ର ପଲ୍ଲୀରେ
କୁଟୀମାଳା ରହିଅଛି ଛିଡ଼ା
ସାମ୍ରାଜ୍ୟର ଉତ୍ଥାନେ ପତନେ
ଚାଲିଅଛି ତହିଁ ନର କ୍ରୀଡ଼ା ।

ପୁଣି କେତେ ଧନୀ, ମାନୀ, ରଜା
ଆସି ପୁଣି ମିଶିବେ ମାଟିରେ
ତାଳେ ତାଳେ ଭଙ୍ଗୁ ଥିବ ଖେଳ
ନର ଲୀଳା ମାଟିର କୁଟୀରେ ।

Digitized by srujanika@gmail.com

ଦମ୍ଭୀ, ମାନୀ, ଧନୀକ ଅଜର
ଶେଷ ହେବେ ଯେବେ ରେଣୁ ହୋଇ
ଚାଲୁଥିବ ଗର୍ବ ଧବ କାଶେ
ଚଷାବଧୂ ନଈକୁ ଗାଧୋଇ ।

ଦାମ୍ଭିକର ମାନ, ଅହଂକାର,
ଧନିକର ବିତ୍ତ, ଆଡ଼ମ୍ବର,
ଦୁର୍ବ ବୃଥା ମାଟିର ଧସରେ
ତାହା ସବୁ ଅଛି ଅବାନ୍ତର;

ତେଣୁ ତାର ଘଟେ ବିପର୍ଯ୍ୟୟ
ପ୍ରାସାଦରେ ଉଠେ ଦୁର୍ବାସ
କୁଟୀର ତ ମାଟିର କୁଟୁମ୍ବ
ତେଣୁ ତାର ନୁହେଁ ବିନାଶ ।

Digitized by srujanika@gmail.com

ମହାନଦୀରେ ଜ୍ୟୋତ୍ସ୍ନା ବିହାର

ଶିକ୍ଷାଗୃହ-ଅନ୍ଧକାରବାସୀ ମୁଁ, ଜନନି !
ଜାଣିଲି, ନ ଥିଲି ଜାଣି, ଅଛି କେତେ ଭବେ
ଏମନ୍ତ ରୂପର ଲୀଳା; ନ ବାହିଁ ତରଣୀ
ଆଜି ଏ ଜ୍ୟୋତ୍ସ୍ନାରେ ନୀଳ ମହାନଦୀବୁକେ ।

ଆହା କି ବିପୁଳ ଶୋଭା ଭାସେ ଆଖି ଆଗେ,
କେମନ୍ତେ ବର୍ଣ୍ଣିବି ମୋର ମୁଗ୍ଧ ଅନୁଭବ,
ଚକ୍ଷୁ ମୋର ଅନ୍ଧ ହୁଏ ଜ୍ୟୋଛନା-ପରାଗେ,
ବାଣୀ ମୋର ନାହିଁ ଫୁଟେ, ମାନେ ପରାଭବ ।

ଧବଳ ଉତ୍ତରୀ ସମ ରଜନୀ-ବଧୂର,
ଜ୍ୟୋଛନା ବ୍ୟାପିଛି ଦୂର ଦିଗଚକ୍ର ଲାଗି,
ତଳେ ଛାର ଏ ଧରଣୀ, ପ୍ରକୃତି-ମଧୁର
ହୋଇଛି ମଧୁରତର ତା ପରଶେ ଜାଗି ।

Digitized by srujanika@gmail.com

ଆକାଶର ଖଣ୍ଡ ସମ ମହାନଦୀ ବାରି
ଚନ୍ଦ୍ରିକା-ଚୁମ୍ବନ ପାଇ ଝଳଳ-ଚପଳ,
ତଳଇ ମୁକୁର ଅବା ଦେଇଛନ୍ତି କେ ପାରୁ,
ଦେଖିବେ ବଦନ ନଭ-ସୀମନ୍ତିନୀଦଳ ।

ଦୂରକୂଳେ ବୃକ୍ଷରେଖା ଜ୍ୟୋତ୍ସ୍ନା-ଝଲ୍ସିତ,
ପାଣ୍ଡୁର ଅଙ୍କେକେ ଧରି ତନ୍ଦ୍ରାଳସ ଶିର୍
ସ୍ୱପ୍ନ-ପୁରୀ କରେ ସୃଷ୍ଟି ! ଅଳସ ମନ୍ଥର
ଜ୍ୟୋତ୍ସ୍ନା-ମଦସ୍ୱମତ୍ତ ଚଳେ ଥିର ଥିର ।

ଦୂରବାସୀ ନଗରର ସକଳ ସଙ୍ଗୀତ
ପବନେ ଆସଇ ଭାସି ନଦୀ ବକ୍ଷ ପରେ
କ୍ଷେପଣୀ ଆଘାତେ ଦେଖ ଚନ୍ଦ୍ରିକା-ରଞ୍ଜିତ—
ନଦୀ-ବାରି, ଲକ୍ଷ ରୌପ୍ୟ ପୁଷ୍ପ ବୃଷ୍ଟି କରେ ।

ପଶ୍ଚାତେ ତୁଷାର-ଶୀଳ ଶୁଭ୍ର ବାଲୁରାଶି
ମିଶାଇ ଆକାଶ ତଳେ; ସମ୍ମୁଖେ ମୋହର
ଗମ୍ଭୀର ସୁନ୍ଦର ଗିରିମାଳା ଉଠେ ଭାସି
ଚନ୍ଦ୍ରିକାଚେତନେ ଚେଇଁ ନୀଳ କଳେବର ।

ଉଠିଛନ୍ତି ଶିଖରମାଳା-ପଣ୍ଟୁଁ ଅକାଶ
ସନ୍ନ୍ୟାସିନୀ-ମୁଖ ସମ ପ୍ରଶାନ୍ତ ଧବଳ,
ତା ତଳେ ରଜନୀବଧୂ ଚନ୍ଦ୍ରହାର ବାସ
ଉଡ଼ାଇ ଧରଣୀ କରେ ପରଶେ ଉଜ୍ଜଳ ।

Digitized by srujanika@gmail.com

ଏ ସବୁଁ ଶବଗୁଡ଼େ ଅଛଥି ମୁଁ ଦୀନ
ମୁଗ୍ଧେ ସମ ଭକ୍ତେ ଗୁଣ୍ଡି ମହାମହିମାରେ,
ଭାବଇ ବା ହୋଇ ଏହୁ ଜ୍ୟୋତ୍ସ୍ନାରେ ମଳିନ
ଭୋଗନ୍ତି ଯେ ସୁଧା ଝରେ ଅଙ୍କ ଏତେ ଧାରେ ।

—୨—

ହାୟ ରେ ଉତ୍କଳ ଭୂମି ! ପ୍ରକୃତି-ସୁନ୍ଦର;
ମନ୍ଦାକିନୀ ସମ ନଦୀ, ଶିବ ସମ ଗିରି,
କାନନେ, କେଦାରେ ଲକ୍ଷ ଶୋଭାର ବନ୍ଧୁର
ଥାଇଁ ତୋର, କହ କାହିଁ ଏତେ ଦୁରଦୃଷ୍ଟି ?

ଏ ସ୍ୱର୍ଗ ସୁଷମା ଯାର, କହିବ ବିଶ୍ୱାସ
କେମନ୍ତେ କହ ରେ ! ତାର ଅନ୍ତର ଅଭାବ ?
ସୁରସମ ମୁଗ୍ଧ କରେ ମୋରେ ଯା ନିଶ୍ୱାସ,
ତା ଦେହେ ସମ୍ଭବେ କାହୁଁ ଦୁର୍ଦ୍ଦିନ-ପ୍ରଭାବ ?

କାନନ-ଶ୍ୟାମଳ-ବାସ, ଶିଖରୀ-ମୁକୁଟ
ଚରଣ ଚୁମ୍ବଇ ମହାସାଗର ଲହରୀ,
ଏ ଦେଶେ ହୁଅଇ ଯାର ମହିମା ପ୍ରକଟ,
କେମନ୍ତେ ସ୍ୱବଶ ତାରେ ଅଭିଶପ୍ତା କର ?

ଅଜି ତୋର ଇତିହାସ ସାକ୍ଷୀ ଏ ତଟିନୀ—,
ଚଳେ ମୋ ତରଣୀ ଯେବେ ଭାସିଯାଏ ଧୀରେ
ଜନନି ! ଗୌରବ ତୋର କଳ୍ପନା ସଙ୍ଗିନୀ
ଗୋଟି ଗୋଟି ଦ୍ରୁତେ କାଢ଼ି ଧାଏ ମୋ ହୃତଟରେ

Digitized by srujanika@gmail.com

ସେ ଦିନ ତୋର ଗିରି ସଙ୍ଗେ, ତୋର ଗଜପତି
ତୋଳିଲା ସ୍ପର୍ଦ୍ଧାରେ ତା'ର ଦୁର୍ଗ ଅଭ୍ରଂକଷ,
ଚୋଡ଼ଙ୍ଗର ଏ ନଦୀ ସମ ନଦୀ ନରପତି
ହୃଦୟେ ଜଡ଼ ନ କରୁ ଜାଣି ନେଲା ଯଶ ।

ସେ ରାଜା ଯାଇଛନ୍ତି ଚାଲି, ଦୁର୍ଗ ତାର ନାହିଁ
ତା ସଙ୍ଗେ ଯାଇଛନ୍ତି ପୁଣି ସେ ବୀର ହୃଦୟ,
ଚୋଡ଼ଙ୍ଗର ଅତୀତ ମା ଗୋ ! ଅଛି ଥାଇ ଥାଇ
କରେ କ୍ରୂର ପରିହାସ, ଘୋର ବ୍ୟଥାମୟ ।

—୩—

ଧରଣୀ ଚଳଇ ମୋର ବାରବାଟୀ ତଳେ,
ଉତ୍ସ ରେ ନାଚଇ, ଦଣ୍ଡେ ଉଡ଼ ଏଥି ତଟି,
ମଥା ମୋ ଲଗାଇ ତୃତ ସୋପାନ-ପ୍ରସ୍ତରେ
ଧରେଁ ଅପଦାର୍ଥ-ପ୍ରାଣେ କୃତକୃତ୍ୟ କରି ।

ସେ ଦିନ ଏ ଶିଳା ପରେ ଅବଗାହେ ଆସି
ସୁକୁମାରୀ ରାଜବାଳା ଆଙ୍କିଥିବ ତାର
ଲାକ୍ଷାରକ୍ତ ପଦଛବି, ତବ ମତ୍ତବାଣୀ
କଠିନ ପାଷାଣ-ଦେହେ ଆନନ୍ଦ ଝଙ୍କାର ।

ସେ ଦିନ ସଜନୀ ମେଳେ ରୂପସୀ ମହିଷୀ
ଏକ କରେ ଦୂର୍ବାକ୍ଷତ, ଶଙ୍ଖ ଆନ କରେ,
ରଜସ୍ୱୀ ପୂଜାରେ, ଶିରେ ମଙ୍ଗଳ ଅଶୀଷି;
ରହି ନେଇଥିବେ ଗୃହେ ଏହି ଶିଳା ପରେ ।

Digitized by srujanika@gmail.com

ସେ ଦିନ ଏ ଶିଳା ପରେ ନାଗରିକା ଶତ
ହରିଦ୍ରା ପ୍ରଲେପେ ରଞ୍ଜି କନକବଦନ
ବନ୍ଦଥିବେ ଶଙ୍ଖ ବାଇ, ସିଂହାର ବୋଇତ,
ଫେରନ୍ତୁ ଯେ ସିଂହଳରୁ ମୁକ୍ତା ଆନୟନ ।

ସେ ଦିନ ଏ ଶିଳାପରେ ନଗର-ଜନନୀ
ଏକନେ ପଠାଇ ପୋଢେ ସନ୍ତାନେ ସମରେ
ଗୃହେଁ ଥିବେ ଦୂର ଦିଗେ, ସେ ବୀର ରମଣୀ
ଲୁଚାଇ ଅଖିର ଲୁହ ଅପମାନ-ଡରେ ।

ସେ ଦିନ କାହିଁ ଗୋ ଶିଳା ! ଏ ଦୁର୍ଗର ସ୍ତୂପ;
ମାତୃ ଏ ତଟିନୀକୂଳେ ଚକୋସ୍ତି-ଚକୋରେ
ଆଣେ ଯେବେ ନିଶା-ସ୍ତବ୍ଧ । ଜୀବନର ମାୟା
ଏ ଜଡ ନ ଥିଲ୍ଲ ଜାଣି ବିଗତର କୋଳେ !

ଶରଦନ ପାଇଁ ସେ କି ଯାଇଛନ୍ତି ଭୁଲି,
ନ ଫେରିବେ ରାଜା ରାଣୀ, ନ ଫେରିବେ ବୀରେ ?
ବୋଇତ ବନ୍ଦାଣ ଲାଗି ଏ ତଟିନୀ ବାଲି
ନାଗରିକା ପଦପ୍ରାନ୍ତ ନ ଚୁମ୍ବିବ ଧୀରେ ?

ଦୁର୍ଗ ଆଜ ଭଗ୍ନବନ ? ସିଂହାଳ ବୋଇତ
ନ ଫେରିବ ମୁକ୍ତା ଧରି ଏ ତଟିନୀ ବାହି,
ନଗରର ବଧୂ ଯେତେ ମଙ୍ଗଳ ସଙ୍ଗୀତ
ନ ବନ୍ଦିବେ ତାରେ କେତେ, ମଧୁକଣ୍ଠେ ଗାଇ ?

Digitized by srujanika@gmail.com

ସେ ସୌଭାଗ୍ୟ ଶେଷେ, ହାୟ, ଏ ଛାଡ଼ର ଶେଷ
ନ ଜନ୍ମ ବାଞ୍ଛା କପାଁ ; ଏ ଗୌରବ ପରେ
ବଞ୍ଚିବା ଧବ ଏ ଖାଲି ଜଙ୍ଗାଳ ଅଶେଷ
ବିଶ୍ୱ ଆଗେ, ମରଣରୁ ଶତ ଗୁଣେ ବଳେ !

— ୪ —

ଏମନ୍ତ ଜ୍ୟୋଛନାସ୍ନାତ ସେ ଦିନ ଏ ସ୍ଥଳୀ
କି ଶୋଭା ଧରଇ, ଅୟି କଳ୍ପନା ସଜନି !
କହ ମତେ । ଶତ ଶତ ନାଗରକେ ତହିଁ
ବାହୁ ବେଷ୍ଟନେ କରୁଥିବେ ମୁଖରି ରଜନୀ !

ନୃପତିର ଗଜଦନ୍ତ ତନ୍ୱୀ ଥିବ ଆଗେ,
ମୁଖରି ଗାୟିକାକଣ୍ଠେ ମୂର୍ଚ୍ଛନେ ଉଚ୍ଛଳା,
ନୃପତି-କୁଣ୍ଡଳ-ମଣି ଚୈତ୍ରଭାର ସଙ୍ଗେ
ଝଲସେ; କମ୍ପଇ କର୍ଣ୍ଣେ କୁସୁମର ଫଙ୍ଗ ।

ରାଜହଂସୀ ପାଶେ, ପଛେ ଶତ ତନ୍ୱୀ ବାହୁ
ଚଳନ୍ତ ନାଗରଙ୍ଗନେ ବିଳାସକୁଶଳ
ମୁଖରି କର ଏ ନଦୀ ଉଠେ ଗୀତ ଗାଇ,
ଉଦ୍ଦାମ ସ୍ପନ୍ଦନେ କରି ଆକୁଳ ଏ ଜଳ ।

ଊର୍ଦ୍ଧ୍ୱେ ତେଣେ ଚନ୍ଦ୍ରଶାଳା-ପୁରେ ରାଜରାଣୀ
ସ୍ୱର୍ଣ୍ଣଦୀପ ପଛେ ରଖି ବାତାୟନ-ମୁଖୀ
ଦେଖନ୍ତି ଏ ମହାଲୀଳା, ପୂରେ ନାହିଁ ବାଣୀ,
ବଦନେ ଅସେ କି ଭାଷା ପ୍ରାଣ ହେଲେ ସୁଖୀ ?

Digitized by srujanika@gmail.com

ଅନ୍ୟ ପକ୍ଷେ ସ୍ୱଚ୍ଛବଧୂ କୋମଳା କିଶୋରୀ
ସୁନ୍ଦରୀ ସଙ୍ଗନୀମେଳେ ଧରି ପୁଷ୍ପହାର
ଦେଖନ୍ତି ଚନ୍ଦ୍ରମା ଶୋଭା ଚନ୍ଦ୍ର-ମୁଖ ତୋଳି,
ଏ କାଳେ ମିଳିଲେ ସାରେ ନୃପତି-କୁମାର ।

ଗୀତେର ବାଦ୍ୟ-ନିକ୍ୱଣ, କମ୍ପଇ ଧରଣୀ,
ସେ ପାର ପର୍ବତମାଳା ଦିଏ ପ୍ରତିଗେର,
ମନ୍ଦ୍ର କଟେ ଦୁର୍ଗକଣ୍ଠ; ରାଜାର ତରଣୀ
ନଷ୍ଟ ଏ ଉନ୍ମାଦେ ନୀଳ ମହାନଦୀ-ନୀର ।

ସେ ଦିନ ମୁଁ ଥାଆନ୍ତି କି ସ୍ୱଜନ ଗହଣେ,
ବଧୂଟା, ହୃଦୟୁ ଭରି ଗାଇଥାନ୍ତି ଗୀତ,
ଗୁଣଗ୍ରାହୀ ରାଜ ମୋର ରତ୍ନ ଆଭରଣେ
ତୋଷେ କି ନ ଥାନ୍ତେ ଏଇ ଦରିଦ୍ରର ଚିତ୍ତ ?

— ୧ —

ଫେରିବା କହୁଛ ବନ୍ଧୁ ! * ପୁଣି ଅନ୍ଧକାରେ ?
ଫେରିବାକୁ ହେବ ସତେ ? ହାୟ ଏ ଜୀବନ !
ଅବସର ନାହିଁ ମିଳେ ଷଣେ ଭୁଲିବାରେ
ଜୀବନର ହାହାକାର, ପ୍ରାଣର ଦହନ
ଚନ୍ଦ୍ରମା ଉଠିଛି ଊର୍ଦ୍ଧ୍ୱେ, ବିଶ୍ୱ ଧରଣୀ
ନୀରବ; ନିସ୍ତବ୍ଧ, ଶାନ୍ତ । ମହାନଦୀ ଜଳ
କ୍ଳାନ୍ତ କ୍ଷୀଣ ସମ ଶାନ୍ତ, ଉଜ୍ଜ୍ୱଳ ରଜନୀ
ପଣ୍ଡ ପାତ ଅବଶିଷ୍ଟ ନଭ, ଜଳ, ସ୍ଥଳ ।

---

* ବନ୍ଧୁ ଶ୍ରୀଯୁକ୍ତ ରତ୍ନାକର ପତ୍ରଙ୍ଗୀ ଏମ୍, ଏସ୍, ସି, ସେ କି ଜ୍ୟୋତ୍ସ୍ନା ବିହାରର ଆୟୋଜନ କରି ଦେଇଥିଲେ ।

Digitized by srujanika@gmail.com

ଏ ମହାନୀରବ କ୍ଷଣେ, ଏ ଜ୍ୟୋତ୍ସ୍ନା ତଳେ
ମୂର୍ଚ୍ଛି ମୁଁ ପଡ଼ାଇ ଏହି ଅପୂର୍ବ ଶୋଭାରେ
ଅନୁଭବେ ଆତ୍ମା କାର ସ୍ପର୍ଶ ଏ ଅନ୍ତରେ,
ବଚନୁ ଅତୀତ, ମୁହିଁ ଘଣସେ ଭାନାରେ ।

ସେ ଯେ ସତ୍ୟ, ଶିବ ସେହି, ଏକା ସେ ସୁନ୍ଦର,
ଭୂମା ସେ ରହିଛି ଦୂରେ ବେଣୁ ରେଣୁ ଭେଦ,
ଅନନ୍ତ ଲୀଳାର କେନ୍ଦ୍ର, ଅସୀମ ସୁନ୍ଦର
ଘଟିବେ ସୃଜେ ସେ । ତାର ମହାନୃତ୍ୟବେଦୀ,

ବନ୍ଧୁ ହେ, ପାଇଛୁ ଆଜି ଏ ଆକାଶତଳେ,
ମୋ ଜାତି ଅତୀତ-ସାକ୍ଷୀ ଏ ନଦୀ କୂଳନେ,
ଜ୍ୟୋତ୍ସ୍ନାର ଏ ମହାଲୋକେ, ଏ ତରଣୀ ପରେ
ଜାନୁପାତି ବନ୍ଧୁ, ନାଚେର ଘେନ ଏ ଜୀବନେ ।

ଇଚ୍ଛା ମୋ, ହୁଅନ୍ତା ଏହି ନିର୍ମଳା ରଜନୀ
ଅସର, ମୁଁ ଖୋଜୁଥାନ୍ତି ସତ୍ୟ-ଶିବ ତାରେ
ଏ ସୁନ୍ଦର ଜ୍ୟୋତ୍ସ୍ନାତଳେ, ବାହି ଏ ତରଣୀ
ମୃତ୍ୟୁ ଯାଏଁ, ନ ପେଖେ ସେ ମନ୍ଦ ଅନ୍ଧକାରେ ।

Digitized by srujanika@gmail.com

ବାରବାଟୀ

ମୋ ଜନନୀ ଉତ୍କଳର ଇତିହାସ-ଶିରେ
ରାଜଟୀକା ସମ,
ଶ୍ରେଷ୍ଠ ଦୁର୍ଗ ପରମ,
ତୁମେ ତୁଙ୍ଗ ବାରବାଟୀ ବୀର-ରକ୍ତ-ମାଂସରେ ଗଢ଼ିତ
ଅତୀତର ବକ୍ଷ ପରେ
ଏ ଜାତିର ଜୟସ୍ତମ୍ଭ-ପରି
ଦର୍ପଦୃପ୍ତ ସ୍କନ୍ଧ ଉଚ୍ଚେ ଧରି
ଅଛିତ ବୁହାଇ ମୌନେ ନିଜ ଦେହେ ନିଜର ଅତୀତ ।

ଯାଇଛୁ ବିଶାଳ ରାଜ୍ୟ, ମାନ, ସ୍ୱାଧୀନତା—
ରାଜନ୍ୟ ସମ୍ମାନ
ବୁଦ୍‌ବୁଦ ସମାନ
ସର୍ବଗ୍ରାସୀ ମହାକାଳ-ଲହରୀରେ ଭାସି;
ତୁମର ସ୍ମୃତିଟି ମାତ୍ର
ଏ ଜାତିର ଅନ୍ତରେ ଅନ୍ତରେ
ଏ ଦେଶର କୋଟିଏ କଣ୍ଠରେ
ରାହୁମୁକ୍ତ ଶଶୀ ସମ କାଳଗର୍ଭୁଁ ଉଠଇ ପ୍ରକାଶି ।

Digitized by srujanika@gmail.com

ଯେତେ ସ୍ୱାସ୍ଥ୍ୟ ଯେତେ ଶାନ୍ତି ଅତୀତ ଗରବେ
ଉଙ୍କଦେ ଶୂନ୍ୟତା !
ହୃଦାର ନୀରବତା
ଯେବେ ଜନ୍ମ ଲଭିବ କି ?
—ଦୁଷ୍ଟ ଭାଳି ତାହା ନ ପାରୁଛୁ ।

ପର ଲାଗି ଭାବନ୍ତି ଯେ
କ୍ଷଣେ ହେଲେ ହୃଦୟ ଅଞ୍ଜୁଳେ
ସମସ୍ତ ସମୁଦ୍ର କୂଳେ କୂଳେ
ତାର ନାମେ ସ୍ମୃତି ପାଇଁ ସମାରୋହେ ଦେଉଳ ଉଠୁଛି ।

ପ୍ରସ୍ତର ମୂରତି ଯିନା ଗଢ଼ୁଅଛୁ ବସି,
ଲଙ୍ଘୁଛୁ ଗଗନ;
ବୀରେନ୍ଦ୍ର ଭୂଷଣ,
ରନ୍ଧ୍ରେ ରନ୍ଧ୍ରେ ବୀରତ୍ୱର ବରିଷ୍ଠତା ଉଠଇ ଯା ଫୁଟି
ନ୍ୟାୟ ପଇଁ ସତ୍ୟ ପାଇଁ
ହୃଦୟର ଉଷ୍ଣ ରକ୍ତ ଦାନ,
ପର ପାଇଁ ଢାଳିବାର ପ୍ରାଣ,
ତାହା ତର ବଳୀୟାନ ଏ ସ୍ମୃତିକୁ ଘେନିଯିବ ଲକ୍ଷ୍ୟ ?

ଯେତେ ଶତାବ୍ଦୀର ମହାଗୌରବ, କପାଳେ
ନୀରବେ ନିବେଶି
ହେ ଅମ୍ବରବେଣୀ

Digitized by srujanika@gmail.com

ଆଜି ଏଠି ପଡ଼ିଅଛ ଅଚେତନ ପ୍ରାଣହୀନ ସମ
ବସ୍ତ୍ର ଖଣ୍ଡି-ସଜ୍ଜ ପାଶେ,
ଦୁଃଖ ତୁଏ ଅଛି, ଖଣ୍ଡିମାନ,
ନାହିଁ ତବ ଗରବାର ସ୍ଥାନ !
ତବ ଅବସାନ ସହ ଆସିଅଛି ଜାତିର ସରମ ।

ସେ ଦିନ ସେ ସୌଭାଗ୍ୟର ମୁଖର ମଧ୍ୟାହ୍ନେ
କେତେ ବୈତାଳିକ
ଅଦମ୍ୟ ନିର୍ଭୀକ
ତୁମର ଚରଣତଳେ ଗାଇଥିବେ ବନ୍ଦନାର ଗାନ,

କେତେ ଲକ୍ଷ ସ୍ୱଜନଥା—
ପୂର୍ଣ୍ଣ ପୁଷ୍ପଜନିତ-ବାସନା—
ଘେନି ହେଉଥିବ ଅର୍ଚ୍ଚନା,
ପଦପ୍ରାନ୍ତେ ଗଡ଼ୁଥିବ କୋଟି କୋଟି ଲୋକର ସମ୍ମାନ !

ତୁମର ଭଣ୍ଡାର ଯାଚେ କୃପଣ ବାହୁନି
ତାଙ୍କ ତରବାରି
ଧନୁଶ ବାଣ୍ଡାର
କେତେ ସ୍ୱର୍ଣ୍ଣ ଅର୍ଥସ୍ୱର୍ଣ୍ଣେ
ଅନାୟାସେ ନୂଆଁଇଲେ ତଳେ;
କେତେ ଏତ ପଦ୍ମହୀରା
ବାହୁର ମହାବଳ ଶୋଭା
ମହାମୂଲ୍ୟ ମଣିମୁକ୍ତା ସାଜି
ସ୍ୱର୍ଣ୍ଣର ଇଙ୍ଗିତ ସମ କମ୍ପାଇଲେ
ପୂଜ୍ୟ ! ତବ ତଳେ

Digitized by srujanika@gmail.com

ତତ୍ତ୍ୱଙ୍କ ବକ୍ଷରେ ତବ, ପୁଣି ଥିଲ ଧରି
ଅସ୍ତ୍ର ତୁଙ୍ଗତର
ଉଦାର ଅମର,
ଦୁର୍ବଳର ରକ୍ଷା ପାଇଁ ଅରିଅସ୍ତ୍ରେ
ଦେଲେ ଯେ ଶୋଣିତ;
ନିଜ ଦେଶ ନିଜ ଧର୍ମ
ନିଜମାତା ଭଗିନୀର ମାନ
ରଖିବାକୁ କଲେ ଅଭିଯାନ
ଶତ୍ରୁର କମାଣମୁଖେ ହସି ଗାଇ ମରଣ-ସଙ୍ଗୀତ ।

ବିଜୟ ଉତ୍ସବବେଳେ ନାରୀ ମନସ୍ୱିନୀ
ନୂପୁର ନିକ୍ୱଣେ,
ହୁଳହୁଳି ସ୍ୱନେ;
ବନ୍ଦାପନା କରୁଥିଲେ ବୀରକାନ୍ତ ପାଶେ ହୋଇ ଛିଡ଼ା,
ସେହି ପୁଣି ଅରି ଅଗେ
ସତୀ-ଧର୍ମ ରଖିବାର ପାଇଁ
ଅସି-ହସ୍ତେ କଲେ ଯେ ଲଢ଼ାଇ
ତବ ମୌନ ଆମନ୍ତ୍ରଣେ
ତେଜି ହେଲେ ଅବରୋଧ କ୍ରୀଡ଼ା !

ସବୁ ଅଜି ସ୍ୱପ୍ନସମ ଯାଇଛି ହେ ଲୁପ୍ତେ —
ମହତ୍ତ୍ୱ ଗରିମା
ହୃଦୟୁ ଭୁଲିମା;

Digitized by srujanika@gmail.com

ଦ୍ରୁମର ପତନ ସଙ୍ଗେ ମହାକାଳ ନିଶ୍ଚିହ୍ନ ଭୂତଳେ
ମହାରାଜା ମହାପାତ୍ରେ
ମନ୍ତ୍ରୀ ଜାଣି ନ ପାରନ୍ତେ ଦେବସେ
ବୃହସ୍ପତିଙ୍କ ଜାତ ଧନ ବେଦସେ
ବୃଦ୍ଧଲୋକ ଭିକ୍ଷା ପାଇଁ
ଲୋକେ ଯାଇ ତାହା ସିଦ୍ଧକଲେ ।

Digitized by srujanika@gmail.com

ପଲ୍ଲୀସନ୍ଧ୍ୟା

— ୧ —

ଗବଅ ଧବ ହାତେ,
ତରୁଣୀ ଘାଟେ ଚଳେ
ସନ୍ଧ୍ୟା ହେଲା ବୋଲି
ତ୍ରୁବଟେ ପଦ ପଡ଼େ ।

ଚପଳ ପଦ-ଘାତେ,
ବାଳରେ ବାଜେ ବଳା
ମାନେ ନା ତରୁଣୀ ସେ,
ସନ୍ଧ୍ୟା ହେଲା ପରା !

କନକ ରଙ୍ଗ କରେ
ବଦନ ଢଶେ ଝଳ
ସରମେ ଝୁଲେ ନାସା
ନୟନ ନତ କରି ।

ଓଢ଼ଣା ଢେଙ୍କ ଶଗ୍ନ
ଚରଣେ ଅଳ୍ପ ଚଢ଼
ସୁନାର ନୋଥ, ନାଚେ
ଚଞ୍ଚଳେ ଓଠେ ଥରି ।

ସନ୍ଧ୍ୟା ହେଲା ଅବା
ବୋଲି ସେ ଦେଏ ଗୃହେଁ
ଚକିତେ ଦେଖେ ପଥେ
ପୁରୁଷ ଅଛି କାହିଁ !

Digitized by srujanika@gmail.com

ସରମେ ମାଥେ ଅଣେ
ଓଢ଼ଣା ଟାଣି ପୁଣି
ରସାଳ-ଡାଳେ ଭାତ
ବାଜଇ ରୁଣୁ-ଝୁଣି ।

ଡାଳର ଗନ୍ଧ ଛାଏ
ପଡ଼ନେ ରଣି ନାସ୍ତ
ଗଭୀର ଖର ଭରେ,
ଅଣିବ ବୋଲି ବାଗ ।

ଭେଟିଲା ପଥେ ଏବେ
ମିତଣୀ-ଦଳ ତା'ର
ଶିଥିଳ ଗତି, ଧରି
ଗାଗରେ ବାରି-ଭାର ।

ଗାଗରେ ବାର ଥର
ଶସ୍ୟର ପଡ଼େ ନଇଁ
ମୃଗର ପଥ ପାସ
ସଜଳେ ଭଥା ଉଡ଼ୁ ।

ଭୂଷା ସେ 'ଅଳ୍ପେ ଅପା
ଜାଣିଲୁ ନାହିଁ ମନେ
ସାଥୀ ମୁଁ ବୋଲି ଭାବେ,
ଜାଣିବ ଏ ଜଗତେ ।'

ରମଣୀ ଦଳୁ ଅପା
ଭଣିଲା 'ଶୁଣ ନେତ
ଭଉଳା ଭେଟେ ତଟେ
ନ ହେଲା ବିନୁ ଭେଟ ।'

ଝଙ୍କର ଶୁଣେ ନାହିଁ
ଚଳଇ ଖରେ ନାସ୍ତି
ସନ୍ଧ୍ୟା ହେଲା ପରା
ଅଣିବ ବୋଲି ବାଉ ।

—୨—

କ୍ଲାନ୍ତ ପଦ ଗୁଳି
ପଗଡ଼ି ଭଉ ଶିରେ
ସ୍କନ୍ଧେ ହଳ ଥୋଇ
କୃଷକ ଫେ[illegible]ର ଧୀରେ ।

ଅଗରେ ଗ୍ଲୁବେ ଧୀରେ
ବଳଦ ଦୁଇ ଜାଇ
ଗଭୀର ଖର ଭରେ
ଯଷ୍ଟି ମୃଦୁ ସ୍ୱର ।

Digitized by srujanika@gmail.com

କୁହକ ପଢ଼େ ଅସେ
ଧୂମ୍ର-ଢେଉ ଘନ,
ବାହୁଡ଼ା ଗୋରୁ ଦଳ
କମ୍ପେ ଗ୍ରାମ-ତଳ !

ଝଡ଼ର ଘନ ଧୂଳି
ଗୋପାଳ ଶିଶୁ ଗାଏ
ସବୁଜ ଦୂର୍ବା-ଘାଟେ
ଗୀତ ତା' ସାଥୀ ଯାଉଥା।

ଦାଣ୍ଡେ ଖେଳେ ଶିଶୁ
ରୂପା-ରୂପାଣୀ ସାଜି
ଧୂଳିର ଘର କରି
• ପସରା ଥୁଲେ ପାତି,

'ଅସିଲେ ଗୋରୁ' ବୋଲି
ପଳାଇ ଗଲେ ଘରେ
ଧୂଳିର ଘର ଗୁଡ଼
ଯେ ଯାହା ପଥ ମାଡ଼ି।

—୩—

ସନ୍ଧ୍ୟା ହେଲା ଏବେ
କନକ ରବି ରେଖା
ପୋଖରୀ ନୀଳ ଜଳେ
ଲହରୀ ପରେ ଥରେ

ପୋଖରୀ-ହୁଡ଼ ପରେ
ଲକ୍ଷ ବିହଙ୍ଗର
ବସନ୍ତ ବଟ ଛିଡ଼ା
ଲାଗିଛି ଶେଷ କ୍ରୀଡ଼ା।

ଦୂରରୁ ଆସେ କେତେ.
ଉଡ଼େ କେ ଆକାଶରେ
ବସି କେ ଝାଡ଼େ ପକ୍ଷୀ
ବସାରେ ଆଖି ରଖି।

ଗମ୍ଭୀର କୋଳାହଳ,
ଯୋଗାଡ଼, ହେବ କେବେ
ସାଥୀରେ ଡାକ ହାକ
ଶୟନ ସ୍ଥଳ ପାଇ।

ସେ ବଟ-ତଳ-ଘାଟେ
ଚଳିଲ ନିଜ ପଥେ
ବାଳିକା ନାଏ ପାଣି
ଓଢ଼ଣା ଦେଇ ଟାଣି।

Digitized by srujanika@gmail.com

ବାଳକ ହୁରେ ଏକ ବାଟୁଳି ମାରେ ଲକ୍ଷି
ବାଳକ ଫାଙ୍କି ଦେଲ୍ ଆକାଶେ ଟେକି ଅକ୍ଷି ।

—୮—

ସନ୍ଧ୍ୟା ହେଲା ଏବେ ବଟ ଅଶ୍ୱତ୍ଥ ଛାୟା
ସୁଦୂର ତାଲ ମାନେ ବଢ଼ାଇ ଦେଲ ଛାୟା ।

ପୋଖରୀ ନୀଳ ଜଳେ ପଦ୍ମ ମୁଦି ଆସେ
କୁମୁଦ ଫୁଟି ଉଠେ ସଧୀରେ ତା'ର ପାଶେ ।

କମଳ-ଦଳ ପରେ ଚଳଇ ଖଞ୍ଜନ,
ପ୍ରିୟାରେ ଧରି ସାଥେ ସାଉଁଟି ତା' ଭୋଜନ ।

ସରସୀ ଜଳ ଭେଦି କନକ ରଶ୍ମି-ରେଖା
ସୁଦୂର ନଭେ ଛୁଟି ଦେଲାଣି ଶେଷ-ଦେଖା ।

ପଥିକ ଗୃହେ ଆସେ ସନ୍ଧ୍ୟା ହେଲା ବୋଲି
ମଥାର ବୁଲୁଭର ମଥାରୁ ଭରେ ଢୋଲି ।

ଶୁଭଇ ଗ୍ରାମ ପଥେ ଚଳ-ଶକଟ ଶବ୍ଦ
ସନ୍ଧ୍ୟା ହେଲା ବୋଲି ଚଳଇ ଗ୍ରାମ ପ୍ରତି ।

—୯—

ସନ୍ଧ୍ୟା ହେଲା ଏବେ ଆକାଶ ଅଗଣାରେ
ଲାଗିଲେ ଦେବ-ବାଳା ପ୍ରଦୀପ ଜାଳିବାରେ,

ରଜନୀ-ନାରୀ ଏବେ ଆକାଶ ନୀଳ ମାଣ୍ଡି
ଅର୍ପିଲା ତାରା ହାର ବସନ ସଙ୍ଗେ ପାର ।

Digitized by srujanika@gmail.com

ସନ୍ଧ୍ୟା ଦୀପ ଜାଳି ଘରଣୀ ତୁଳସୀରେ
ଯାଚନା ଘରେ ଘରେ କରେଣି ନତ ଶିରେ ।

ଗ୍ରାମର ଶେଷେ ବାଜେ ଦେଉଳେ ଆରତିର
ଶଙ୍ଖ-ଘଣ୍ଟା ସ୍ୱନେ ଭକ୍ତ ନୋଇଁ ଶିର ।

ନୀରବ ହୋଇ ଆସେ କ୍ରମଶଃ ଗ୍ରାମ-ଦର
ବନ୍ଧୁଆ ମେଳ୍ ତୁଟି ନିଏ ତା' ଅବସର ।

ମଳିନ-ଆଲୋକିତ ଭା' ଗଢ'-ସବୁ ଅସେ
'ଅଣାଇ ଜଗନ୍ନାଥ'— ଶୋର ତା ନାହିଁ ପାଶେ !

ହଳଦୀ-ରଙ୍ଗେ ଓଢ଼ ଶିଶୁ ରୋଦନ ବାନ୍ଧି
ହଲ୍ଦିଆ ତାଳ ଦେଲା ରଜନୀ ହେଲା ଘର ।

ବର୍ଷା-ସନ୍ଧ୍ୟା

ମାଠିଆ ଧରୁ ଅସ ସଜନି
ଅସିର ଘନଘୋର ରଜନୀ
ଶୁଭ ଯେ ନାହିଁ ଆଜ ଅଭାଣେ,
ଦୃଷ୍ଟି କି ନାହିଁ ଶୁଭ-ବଦନ ?

ଶୁଣୁଛୁ ନଈ ଅଛି ବଢ଼ିଛି
ବୁଡ଼ୁଛି ଗାଆଁ ଘାଟ-ପଥର
କୂଳକୁ କୂଳ ଧୂଇ ବହଇ
ଭସାଇ ଜୀବ, ଗଛ, ପଥର ।

କେସନେ ଯିବା ବନ୍ଧ ନଈକି
କଳା ଯେ ମେଘ ଘୋଟି ଅସଇ,
ବାଟ ତ ଛଳେ ବୁଢ଼ି ବହୁଛି
ପଦକେ ପଦ ମୋର ଖସଇ,

Digitized by srujanika@gmail.com

ମାଟିଅ ଧରି ବେଗେ ଅସ ଗୋ,
ନ ବୁଝୁଁ ବେଳ ଗିବା ଘାଣ୍ଟିକ
ଛବାଃ ଦେବା ମୃଧ ନିବତେ
ଉଚ୍ଚନେ ପ୍ରାଣି ସଖି ଅଣିବ ।

— ୨ —

ବାଟରେ ନୀପ ଫୁଲ୍ଲ ଫୁଟି ଗୋ
ସୁବାସ ଢାଏ ନାଚ ଚଥାଇ
ତା' ମୂଳେ ହେଲେ ଠିଆ, ମିତଣି,
ମନରେ ଅସେ ଭେଟେ ଲଥାନ୍ତି ।

ତା ମୂଳେ ହୋଇ ଜହ୍ନ ସଧା ମୁଁ
ଖୋଜଇ ପ୍ରିୟ କଳା-କିଶୋର
କାନକୁ ଭେଦ ରହେ ଢାଲେ ବା
ବାଇବ ବଂଶୀ ପ୍ରାଣ-ଚୋରର ।

କଦମ୍ବ ବାସ ଖାଲି ପୂରଇ
ହୃଦୟେ, ପ୍ରାଣ ମୋର ଲଥାଇ
ଚୋମର ଅସେ ନାହିଁ ପାଶେ ଗୋ
ମନରେ ରହେ ମନ କଥାହିଁ !

କଦମ୍ବଫୁଲ ତୋଳା ଅଣି, ମୁଁ
କାନରେ ଦେବ ମାରି ଭ୍ରମର
ଯତନେ ବେଶେ ବଟା ଲଜ୍ଜୁଲି,
ଧାଇଁବ ହିୟ-ମନ-ଭ୍ରମର ।

Digitized by srujanika@gmail.com

— ୩ —

ଝଞ୍ଜୁର ହେଲା ଆଜି ଶୁଣ ଗୋ
ମୟୂର ଅଗଣାରେ ନଚ୍ଚୁଇ
ନାଚିଲା ନାହିଁ ପର, ଯେତେ ଗୋ
ଭଙ୍ଗିଲ୍ ଭାବେ ଢାଳ ସଜାଇ ।

ମୟୂରୀ ତା'ର ଫେରି ନ ଥିଲା
ରହିଛବର ଥିଲା ବମନ ।
ପିଞ୍ଜରେ ଥିରେ ଠିଆ ରହିଲା
ମଉଚେନ ଭୁଲି ଭୁଲି ବି ମନ ।

ଏଭାଳେ ସାନ ବୋହୂ ଅସିଲା—
ନିରମେ ଇମେ ଓଦା ଶରୀର,
ଭଙ୍ଗଳ-ଭଳା, ଅଡ ଶକୁଣ;
ଚରମେ ଦୋଳେ, ବାଯେ ଅଳୁଳ ।

ମଯୁଟରେ ପଛ ଭରି ହୋଇଲା
ଜଷ୍ଟ ସେ ମେଘବେଣୀ ଷୋଡ଼ଶୀ
ମେଘ ବୋଲି କି ଭେଟଣ ଭାବିଲା
ନାଚିଲା ଭେଙ୍ଗା ମାନ ବରଜି

ଚନ୍ଦ୍ରିକା ଠେଲି ଭେଙ୍ଗା ନାଚିଲା,
ହସିଲେ ମାରି ତାଳ ସରବେ
ହଂସା ହୋଇଲା ମୋର ମିତଣି !
ମୋ ସାନବୋହୂ ଭେଣ ଗରବେ !

Digitized by srujanika@gmail.com

ସେ ନାଚ ଦେଖୁ ଦେଖୁ ହୋଇଲା
ଉଜୁର ଅଜ ପକ୍ଷୀ ଏବେ ଗୋ।
ଧାଇଁଛୁ ପାଣିକି ମୁଁ ଚେ କହୁଁ
'ଦେଲ ବୁଢ଼ୀଙ୍କ ଚୋଲି ମୋତେ ଗୋ !

—୪—

ବାଟରେ ଶ୍ୟାମ-ଘାସେ ସ୍ୱାଧବ—
ପୋକ ଙ୍କ ରଇ ମଣିଚୂନା ଗୋ ।
ଅସ ମିତଣି ! ସ୍ୱନ୍ଧୁ ଚରଣ—
ଗେଗେ ଡା, ଶୋଭ୍ର କର ଚ଼ନା ଗୋ ।

ପୁନ୍ନାଗ ଫୁଟିଅଛି; ପଥ ଗୋ
ଆକୁଳ ଘନ ତା'ର ସୁବାସେ
ନଦୀ-ବାହୁଡ଼ା ଭରି ଲବଙ୍ଗ
ସେ ଫୁଲେ, ଫେରିବା ଗୋ ଅବାସେ ।

ଶିରୀଷ ଫୁଲ ଅଙ୍କ ଫୁଟିଛି
ଡୋଠ ନିକଟରେ ତୋଟା ବାଡ଼ରେ
ମାଳତୀ ପୁଣି ସେହୁ ବାଡ଼େ ଗୋ
ବାସ ଢାଳୁଛି ଗୁରଅଙ୍କରେ ।

ତମ ପାଥିରେ ପକ୍ଷି 'ଶିରୀଷ'—
ବସନ୍ତ, ହେଉଅଛୁ ମୋ ମନ
ନଚେ ତୋଳି ମୁଁ ଦେବ ପିନ୍ଧାଇ
ଉର କି 'ଘର'-ଥଡା ବଚନ ?

Digitized by srujanika@gmail.com

— ୫

ବରଷା ଆସିଲା ଯେ ମାଉ ଗୋ
ଯିବା କେସନେ କହ ନଈକି
କଥାଗପେଁ ଯେ ବେଳ ସଇଲା
ଶାଶୁରେ ବୋଧୁ କଥା କହୁକି ?

ଦେଖୁଛ ବାଣ୍ଡ ଡାଳ-ବାହୁଙ୍ଗା
ଯାଉଛି ନଇଁ ବେଢସବ ଗୋ
ଘରକୁ ଚାଲ ବେଗେ ଧରକୁ
ଶୀତରେ ଯାଏ ଦେହ ଥରି ଗୋ ।

ଅନ୍ଧାର ହୋଇ ଆସେ ଧରଣୀ
କଳଛା-ମେଘ ଆସେ ଓହ୍ଳି,
ଦୂର କାନନ ଘେର ଆସଇ
ବାଅ ବରଷା ଘନ ଗହଳି ।

ଭିତରେ ଯାଅ ଝିଅ, ଆଜିକ
ଯିବା ନ ହେବ ନଈଘାଟେ ଗୋ
ବକିଲେ ବହୁ ପଛେ ଶାଶୁ-ମା
ଗୋଲ୍ଲଙ୍କ ପୁତ୍ର ପଛେ ବାଟେ ଗୋ !

Digitized by srujanika@gmail.com

ରେଙ୍ଗୁନ ଚିଠି

ଆଗତ ପଉଷେ ଧାନ ମଳି ଦେଇ
ସ୍ୱାମି ଯେ ଛୁଡ଼ନ୍ତି ଦ୍ୱାର
ସନ୍ଧାନ ତାର ଆଉ ମିଳି ନାହିଁ
ନାହିଁ ତାର ସମାଚାର ।
ଯାଇଥିଲେ ଯେତେ ସାଥୀ
ଫିର୍ତ୍ତି ବଚନେ ମାତ୍ର

ଖବର ଅଛନ୍ତି— ସକଳ ଘରର
ମୁଟି-ଭଙ୍ଗ କାରବାର ।
ପଇସାକୁ ଛାଡ଼ି ଭାଷା ଓ ନ ଅଟେସ
ଘରି-ମା'ର ହାହାକାର ।

Digitized by srujanika@gmail.com

ଭଜିମାସେ ଥରେ ଶୁଭ ଅଗମନ
କରିଲେ ପୋଷ୍ଟ୍ ମାନ
ଚଞ୍ଚଳ ଝଟେ ଝରଦ୍ଧଣୀ-ଭଙ୍ଗୀ—
ଜନନୀର ଅନୁମାନ
କସ୍ତୁରୁ ପଡେ଼ ଖସି
ମୁଦ୍ରା । ଗହଳ-ମସୀ
ଗାଆଁର ମାଷ୍ଟ୍ର-ହାତେ
ଗୁଂଜ୍ଜା ଫରକା ବାଟେ
କେବଳଂ ପଢ଼ ଅଣା ଦୋଇ ଗୁଣା
ହୁଏ ଅତି ସାବଧାନ ।
ପଢ଼ ନ ସରୁ ଚିଠିନ-ଉଦର
ମାଗେ ତାର ସମାଧାନ ।
ହାଲଚେ ହାଲଚେ ଜଣକୁ ଜଣକୁ
ରେଫାମ ଦେଖୁ ଭାଷା;
ଦେଖୁ ଦେଖୁ ଏବେ ବରଷ ଦୂରକ
ପୁରେନା' ସ୍ୱମିମ' ଆଶା ।
ଭାବନା ଏ ତାର, ମାଷ୍ଟ୍ର
ନଷ୍ଟ କରୁଛି ସତ୍ୟ
ନ ଯାଇବା କାହ୍ନୁ ହାତେ
ମିଳାଇ ଚିଠିନ ସାଥେ
ବନ୍ଦ ରଖିଛି ପେଲ୍ଲର ବାଣୀ
ଲୁଗୁଲ ରଖିଛି ଭାଷା
ସ୍ୱଳ୍ପର ଅପେ, ଆହିବଣି ତାର;
ସେ ଭଣ କର୍ମନାଶ ।

Digitized by srujanika@gmail.com

ଛଅ ମାସ ହେଲେ ଅପେକ୍ଷା କର
ଲଗାଇ ଗୁହଣା ପଦ
ଚେଙ୍କଣ୍ଡି ଶଟି ଢୋଲଇ, ରଖି
ମାଷ୍ଟ୍ରର ଅନୁରୋଧ ।
ପ୍ରତ୍ୟେକ ସୋମବାର
ଗାଁଅର ଚୌକିଦାର
ଆସିଲେ ପଚ୍ଛରେ ତା'ଙ୍କର
'ଅଛିଣ୍ଟୁ କି ଚିଣ୍ଠୁ କହେ ।'
ଥର ଥର ସେ ତ ନାହିଁ ନାହିଁ କହି
ହାୟରେ ଏ ପରମାଦ
ମାଷ୍ଟ୍ର ବୁଝିରେ ପଡ଼ ଯା ବାହିଲା
କହନ୍ତି ଗୁହଣା ପଦ !
ଆଗତ ଦେଓଣ୍ଡି ଧାନ ମଲା ଦେଇ
ସ୍ୱମି ଯେ ଘୁଡ଼ଙ୍କ ଦେଶ
ଚଢ଼ି ଯାଇଥିଲା ପଢ଼ିଥିଲା ଶୁଣି
ପଠାଇବ ସନ୍ଦେଶ ।
ମିସ୍ତ୍ରୀର ଧନ ଶୁଣି
ଅର୍ପଣା ଖରଚ ବୁଝି
ମାସ ଦୁଇ ତିନି ପରେ
ଟଙ୍କା ପଠାଇ ସରେ
କରିବ ନଷ୍ଟେ ବୁଢ଼ୀ ମାଆଟିର
ଦୁଃଖର ଅବଶେଷ
ମାଆ ଭାବିଥିଲା ଫେରିଲେ ପୁଅର
ଦେଖିବ ବା ବରବେଶ !

Digitized by srujanika@gmail.com

ପଲ୍ଲବ ପତ୍ରରେ ବରଷ ତୁହିନ
ଶୀତର ତ ଅନ୍ତ ନାହିଁ
ଦରିଦ୍ର ଘରେ ସେ ବେଙ୍ଗାମ ବେଶେ
ରହିଲ ସେ କାନ୍ଦି ଯାଇ !
ବଡ଼ ଦୁର୍ଗଣ ଭୂଇଁ
ସ୍ତ୍ରୀଏ ଶରୀର ଛୁଇଁ
ପୂରୁଷେ ଭରନ୍ତି ଦଣ
ସାଣୋରିର ଜାତି ଦେଶ !
ମୋ ଚୈତ୍ରର ଅଦ୍ଧା ବେଲ ଉତ୍ସବ ଗୋ
ଡାହାଣୀ ଯୋଗିନୀ ଗାଇ
ହାରୁଡ଼େ ବା ଚାଉ ପଡ଼ିଗଲ, ବୋଲ
ବୁଢ଼ୀ ଭରେ ଧାଇ ଧାଇ ।
ମିସ୍ତ୍ରୀ ଯୋଗିନୀ— ଖିଅ ଅବା ଛାକୁ
ଖଟି ଦେଲ କାଙ୍ଖା ଘରେ—
ଭାବଲେ ଏ କଥା ବୁଢ଼ୀର ନୟନୁ
ଝର ଝର ପାଣି ଝରେ !
ବୋଇତେ ମଣିଷ-ଶିଅ
ଯାଇବ ଚେଷ୍ଟରେ ନଆଁ
ଲଗାଇବାକୁ ବା, ପିଲ—
ମୋହର, ମାଉଁସ ତେଲ,
ମରଣ ଦେଉ ଗୋ ଦୋଲ ଯମ ବୋଉ
ସେଦିନ ଅକୁଳ ସ୍ୱରେ
ତଥାପି ନ ଅଟେ ରେଙ୍ଗାମ ଟିରି
ବେଳଂ ଦିନ ଠାରୁ କରେ ।

Digitized by srujanika@gmail.com

— ° —

ଟେଟିଏ ପଡ଼ନ୍ତି ଦୋଳ ପୂର୍ଣ୍ଣିମ
    ଦୁଇକୋଶ ଦୂରେ ମେଳା
ମେଳାରୁ ବାହୁଡ଼ି ଶଠି ଘଣ୍ଟେ ବେ'
    ରାମ-ବୋଉ ହାତେ ଦେଲା ।
    ନାନା ଶନ୍ତାରେ ବୁଢ଼ୀ—
    ହୃଦୟ ଯାଉଛି ବୁଡ଼ି,
    ବହିଲା ପଢ଼ ଗୋ ଢାଁକି
ସତେ ବାପଧନ ବଁଚିଛି ମୋହର,
    ସବୁ ଠାକୁରାଣୀ-ଖେଳା
ଚଉଁରାକୁ ବୁଢ଼ୀ ଜୁହାର ଜୁହାର
    ଯାଚିଲା ଦିନାଏ ମେଳା ।
ପଢ଼ିଲେ ମାଷ୍ଟ୍ରେ, ରାମ ସ୍ୱାଥୀ ନଷ୍ଟ
    ଲେଖିଛି ପ୍ରଣତ ବନ୍ଧୁ
"ମାଉସୀ ଜାଣିବା ଭାରତେ ରାମର
    ଚରଣ ଦେଲା ଲକ୍ଷ୍ମୁ ।
    ଅସିଲା ଦିନରୁ ରାମ
    ଭର୍ମ ତାହାର ବାମ
    ଅଢ଼ସାର ହଜ୍ଜ୍ୱର
    ଫଣସ୍ୱ ଜୀବନର,
ବରଷକୁ ଏବେ ଛଅମାସ ବାକି
    ଏହିପରି ଗଲା ବହି
ପରଣ ରହିଛି ଭାଗ୍ୟର କଥା
    ଗରିବକୁ ସାହା ବହି ।

Digitized by srujanika@gmail.com

ଅସିବାର ମାସ ଦୁଇ ଦିନାନ୍ତର
ମିସ୍ତ୍ରୀର ଦେଲା ଛୁଟି
ଦିନାହାର ଭାମ ଏକାକୀ ବନ୍ଦିଲ
ଘରର ଗହଳ ଛୁଟି ।
ଶରମେ ସଢ଼ିଲା ଦେହ
ପଥ୍ୟରେ ଅଇଁସୁ
ସର୍ବଷ୍ଟ, ଦେଶକୁ ଫେର
ଯିବ ଏବେ ନାହିଁ ଭେଳ ।
ଦେଇ ନାହୁଁ ଅମେ ଖବର ତୁମରେ
ମାତ, ଅଗଚ୍ଛ ବୃଦ୍ଧି
ବଡ଼ ସ୍ଥାନମାନେ ଫେଟିବ ଏବେ ମୋ
ହାତେ ତାର ନାହିଁ ପୁଞ୍ଜି" ।
ପକ ସରିଲା ମାସ୍ତ୍ରେ ଗୁହଁଲେ
ସମିମା ବୃଦ୍ଧୀର ମୁଦ୍ଦେ
ବୃଦ୍ଧୀ ବ ଗୁହଁଲ ମାସ୍ତର ମୁଦେଗ
ଗୁହଁଲେ ଦୁହିଁକୁ ଦୁହେଁ ।

Digitized by srujanika@gmail.com

ଘର ପଶା

ଗୋକୁଳ ନାୟକ   ଅମରି ଗାଆଁର   ଜାତରେ ଗଷା
ଗୃହ ଖଣ୍ଡି ବିନୁ   ନ ଥିଲା ତାହାର,   ଆନ ବେବସା

ଭେଣ୍ଡିଆ ବୟସ   ମୁହଁ ହସ ହସ,   ମୁଣ୍ଡରେ ବାଳ
ପେଣ୍ଡା ହୋଇ ବନ୍ଧା;   ବେକରେ ଝିଙ୍କିଛି   ରସୁଣୀ ମାଳ ।

ଏକସସ୍ତି ଲୋକ—   ଦେଖୁଁ ବାପ ମା'ଙ୍କ   ସରିଛି କାଳ,
ଅପୁତ୍ରୀକ ଷଣ୍ଢ   ଖୁଡ଼ୀ ଚଳାଉଛି   ସଂସାର ଭାର ।

ବାର ଦସ୍ତି ମାଟେ   ଜମି ବାରମାଣ,   ଦୋହାଏ ଅଛି
ଲକ୍ଷ୍ମୀ ରୂପୀ ଦୁଇ   ଗୋଧନେ, ଗୁହାଳ— ଘର ପୂରିଛି ।

ମା ଅଠାରୁ ବଳି   ଖୁଡ଼ୀଙ୍କ ଆଦର;   ଝଲକ୍ ଗଲେ
ଗୃହ ଅସୁଥିବେ   ବାରିଆଡ଼େ ଯାଇ   ଥରକୁ ଥରେ

Digitized by srujanika@gmail.com

ବନ୍ଧୁ ସବୁ ଗଲେ   ଝୁରି ହେଉଥିବେ   ଆସିବେ କେବେ
ସୁଖେ ଫେରିବାକୁ   ଡାକୁଥିବେ ଗାଆଁ   ନୀଳ ମାଧବେ ।

ଅତିଥି ସ୍ବଧାର   ଗୋକୁଳ ନାଏକ   ଗାଆଁଟି ଯାକେ
ସୁଦ୍ଧ ପୁଲକ ପୁଲ୍ଲ   ହୋଇ ନାହିଁ ଧନେ   କାହାରି ସାଥେ ।

ବେଲ ବୁଢ଼ୁ ବୁଢ଼ୁ   ଗନ୍ଧଦଏ ଖୁଡ଼ୀ   ପଡ଼ଇ ଟାଟି
କେବେ ସେ ସାଇରେ   ପଡ଼ଶାଏ ଶୁଣି   ନାହାନ୍ତି ଗାଟି ।

ବାଇଶୀ ବରଷ   ଭେଣ୍ଡା ଅସି ହେଲା   ଦେଖୁ ଗୋକୁଳ
ହାତକୁ ଦହାତ   ହୋଇ ପାରୁନ,   ଭାବଇ ଖୁଡ଼ୀ ।

ଗ୍ରାମର ଯେ କେହ   ପୁରୁଷ ମାଇପି   ଦେଖିଲେ ତାକେ;
କଥା ହେଉ ହେଉ   ମଙ୍ଗଳାଚାର ଶ୍ରୀଣୀ   ରୁପେ ଛଅରେ

'ହଇଗୋ ଗୋକୁମା !' ଅଖି ବୁଜିଛକି ?   ପଡ଼ୁନି ମନେ ?
ଗୋକୁଳିକ ଅଙ୍ଗ   ପିଲାଟି ଅଛୁ ତୋ   ଦେଖିଲା ଜନେ ?

ଭାଳିଲେ ଖୁଡ଼ୀମା   ଭେଣ୍ଡା ହେଲା ପିଲା   ସବୁକୁ ସବୁ ।
ବାହୁଅ ରହିଲେ   ମତେ ଦିନା ଦୋଷ   ଦେବ ଜଗତ !"

ହେଲେ—ମିଳେ ତାହୁଁ ମନଲଖି ଡାର   ଠିକ । ଠିକ
ଯାହାଁ ଦିବ ପୁଣି,   ପଗ୍ଘରେ ନାଇ   ଥିଲା, ନ ଥିଲା !

ଏଇ ମାଘ ମାସେ   ଗ୍ଧରି ଯୋଗ ଅଛୁ   ଶୁଣିଲେ ଖୁଡ଼ୀ
ବରଷେ ନଷ୍ଟଫଳା   ତା ପରେ ଗଲେ ଏ   ସୁଯୋଗ ଛୁଟ ।

ଭାବିଲେ ମନରେ   ପାଣିଫୋଟକା ଏ   ଜୀବନ ଦିନା
କେ କହି ପାରିବ   ଡାଲିକି ଥିବ ମୁଁ   ନ ଥିବ କିନା ?

ଯାହା ହେଉ ପଛେ   ପିଲାକୁ ମୋହର   କରିବି ବାଣ୍ଡ
ସାହା ହୁଅ, ହୁଥ—   ଲଅ ଦେଖ, ବନ୍ଧୁ—   ଶୋଇ ବୁଢ଼ୀମା !

Digitized by srujanika@gmail.com

ସତ ପାଞ୍ଚ ଲୋକ   କଥାରେ ଖୁଣ୍ଟିଆ   କରିଲେ ସ୍ଥିର
ପାଞ୍ଚମାଣ ଜମି,   ଗୋଧନ ନେକଲେ   ବୁଦ୍ଧାଇ ଘର ।

ଆଖି ଯୋଛୁ ଦେଇ   ଶୁଣିଲ୍ ମଉଣା   ଆଗେ ଜନ୍ମିଲେ
କାଲି ପୁଣି ଜମି   ମୋ ହାତେ ଅସିବ   ଯେ କୁଳି ଥିଲେ ।

ଯଥା କାଳେ ଘଟଣ   ବହୁଟି ଅସ୍ପଲ;   କୁ ଥିଲ୍ଲ ଟଂପ
ଦେଖିଲେ କିସ ହେବ,   ତମ୍ବା ଭାଟି ପର   ଜଳୁଛୁ ଦେହ ।

ବନ୍ଧୁର ପ୍ରଶଂସା   ଝୁଡ଼ୀ-ମୁଢ଼େଁ ଅଭ   ଧରଇ ନାହିଁ
ଗ୍ରହଣାରେ ତର   ଯାଇ ପଡ଼ଶାରେ   ସହସା କାହିଁ ?

ହେଲେ, ଦେଖୁଁ ଦେଖୁଁ ନଈଣ୍ଟ ପଡ଼ିଲ୍ଲ   ଅଖିରେ ଧସ
ଜମି ସାତମାଣେ   ବିରଷକ ଭାତୁଁ   ହୋଇବ୍ ସସ ?

ଅଭାଗ୍ୟକୁ ପୁଣି   ବିବାହ ବରଷ   ପଡ଼ିଲ୍ଲ ଭାଲ
ପେଟ-ପୋଷା ଅଭ   ଘର-ଭର ପୁଣି   ହିଙ୍କିଲ୍ଲ ଭାଲ ।

ଦେଖୁଁ ଦେଖୁଁ ପୁଣି   ଖୁଣ୍ଟିଆ ଭୋଳରେ   ଟଉଲେ ନାଭ
ତା ପାଇଁ ଠ ପୁଣି   ଖରଚ ରହୁଛି   ପହୁଲେ ସାତ ?

ଟାଣେଟୁଣୁ ଅଭ   ନ ସହୁ ଯୋ କୁଳି   ଘରେ ଜଣାଇ
ଭେଣ୍ଡିଏଟି ନଙ୍କା   ଆଣିଲ୍ଲ କରଜ   ମୁଣ୍ଡ ନୁଆଇଁ ।

ଏଇପରି ଗଲ୍ଲ   ଦୁଇଟି ବରଷ   ଆପଣା ସୁଖେ ।
ସାହୁକାର ଋଣ   ଶୁଖାଇଲୁ ରସ   ଯୋକୁଳି ମୁଖେ ।

ଉଚ୍ଚ ମୁଣ୍ଡ ନାର   ଏଇ କେତେ ଦିନେ   ପାଇଛୁ ନଇଁ
ଦରିଦ୍ରର ଆଁଅ   କି ଗଣ୍ଡ ଧମାର   ନାଭ ନ ସହୁ ?

ତୃତୀୟ ବରଷେ   ସାହୁକାର ଯେବେ   ବସି ଦୁଆରେ
ପଣା ସାହୁ ଭଟି   ହିସାବ ଟଳର   ବୁଦ୍ଧି ହାରେ,

Digitized by srujanika@gmail.com

ଢେଙ୍କାଣ୍ଡ ସବକ   ଦେଖା ଦେଉ ଡ଼େବ; ଗୋକୁଳି ଗୁହେଁ
ଗୁଡ଼ୀ ମୁଣେ; ଗଡ଼ୀ   ହାତ ବୁଲାଇଲେ   ନାଡର ଦେଢେ
ବଢ଼ ଘୋଷ୍ଟ ଗୁଡ଼ୀ   ମହାଜନେ ମନ୍ତ୍ର—   ଲଭ ଲଗାଇ
ଠାକୁରେ ଯାଉଲେ   ନଷ୍ଟ, ସେ ଧନର   ଭଣ୍ଡାର ପାଇଁ ।

ଢେନଲ, ଠେକେ ଧନ ପାଉବେ ଏଥର   ଠେଲ ଭପଣ୍ତ
ଘରେ ପୁଣି ଏତେ   ଚୁଲ ନାହିଁ ଜଳେ,   କାନ୍ଦିଲେ ସତୀ !

ହାଇକେ ବଧାଣ,   ଯେତେ ଅବଶ୍ୟ   ଚୋହର ହାତେ,
ଯେତେ ଦୁଷ୍ଟ ଦଣ୍ଡ   ଭାଙ୍ଗି ପଡ଼େ ଗାଲ   ଗରିବ ମାଥେ !

ଦୋ'ହ ଟୋଙ୍ଗ ଝଙ୍କା   ଅଖି ଅଟେ ଫିଙ୍ଗେ   ଦର୍ଶତ ଲେଭେ
ଦୂଇ ବୋଣ୍ଡ ପାଇ   ମୋ ପିଲା କୁଟୁମ୍ବ   ରହିବେ ଶୋଭେ !
ଜନମ ଅଗ୍ନିରେ   ଝୀର ରଖି ଥାଇ   ଜନନୀ ଥଳେ
ଏ ସ୍ନାନମାନ ସେ   ନୀରବେ ଭପଣ୍ଡ   ଦେଖେ ନୟନେ ?

ମଣିଷ ହୋଇ ଏ   ଗରିବ ଜନମ   ଦେଲା ବିଧାଇ
ଧନେ ହେଲେ ସୁଖ   ତପରୁ, ପରଣ   ଜାଣିଲା ନାହିଁ ।

ଭାଗ୍ୟବନ୍ତ ଜନେ   ଗୁଲ୍ ସ୍ୱନପାଦ୍   ଟୁଟଇ ଛଳେ
ସେ ଭୋଗ ଭୋ ମାଗେ—ମୁଖେ ଦୁଇଷ୍ଟାଣୀ   ପାଅନ୍ତୁ ଚଲେ ।

ଏଇ ପନୁରାତ୍ରି   ଭଧାରାର ସଭ   ଯାଏଷ୍ଟ ଧନ ?
କି ସୁଖ ତାହାର   ଏତେ ହତଶୀର   ଭବ ଜୀବନ !'

ସେ ଧନ ସଙ୍କାଳେ   ଛଠାଇ ଗୋକୁଳୀ   ଗୁଣ୍ଡରେ ଡାଙ୍କ
ଭଦ୍ରଲେ "ଠେକମନ୍ତ୍ରେ   ମହାଜନେ ଭଦ୍ର   ଚଲାବା ଫାଙ୍କି !

ଘରେ ବସି ଅଇ,   ଖଭ ନାହିଁ; ଏଇ   ପୁନର୍ଜ ସ୍ୱଭ
ଯାଉଛୁ ଚେଙ୍ଗାମ   ନିଜର ଏ ଘୋଡା   ଧରମ ଧର

Digitized by srujanika@gmail.com

ଅଛନ୍ତି ସାଥିରେ   ପାଞ୍ଚସାତ ଅଉ   ଗାଁଅର ଲୋକ
ବରଷକେ ପୁଣି   ଆସିବ ମୁଁ ଫେରି   ନ କର ଶୋକ ।"

ଦେଖିଲେ ଖୁଡ଼ମା   ଅସ୍ତି ନାସ୍ତି ପଡ଼ି   ନାହିଁ କି ବାଟ
ଘରେ ଦାରିଦ୍ର୍ୟର,   ବାହାରେ ସାହୁର   ଲାଗିଛି ନାଟ ।

କଥା ଶୁଣି ଖାଲି   "ବାପ ମୋର"—   କହି କାନ୍ଦିଲେ ସତ
ଷୋଡ଼ଶ ବରଷ   ଟେଣ୍ଡା ମୁଣ୍ଡ ପୋତ   ବଢ଼ିଲ ଅତ ।

ଛାଡ଼ିଲା ଗୋକୁଳି   ଗାଁଅ ତାର ସିନା   ସାଙ୍ଗ ଗହଣେ
ମନ ତା' ରହିଲା   ବୁଢ଼ୀ-ପୁଅ-ଚୋହ୍ଲୁ   ସହର ଘରେ ।

ଦିବସଟି କଟେ   ଅନମେଳେ ସିନା   ସାଥୀ ମେଳରେ
ଏକୁଟିଆ ହେଲେ   ନୟନୁ ବହଇ   ଲୋତକ ଗଳେ ।

ଜନନୀକୁ ବଳି   ବୁଢ଼ୀ ବର୍ଷେ ବୁଝେ,   ଛୁଆ ବାଳକ
କପଳ କିଦେଶେ   ଗୋକୁଳି ନ ଏକ   ଜାଣେ କାଳକ ?

ଦୂର ସେ ବିଦେଶେ   ଏ ଶରୀର ଯଦି   ପଡ଼େ ବିପଦେ
କିଏ ଅଛି ପାଶ   ଦୁଃଖାଇବ, ହାତ   ଆଉଁଷି ପଦେ ?

ଘରେ ଭାତ ନାହିଁ   ଛନପ୍ରାଣୀ ପଡ଼—   ଥିବେ ଉପାସେ
କିଏ ଆଣି ଦେବ ?   ଗୋକୁଳି ତାଙ୍କର   ନାହିଁ ତ ପାଶେ ।

ଟେଣ୍ଡା ହେଲା, ଛୁଉ   ନ ଥିଲା କେବେ ସେ   ଜନମ ମାଟି
ଘର କଥା ମନେ   ପଡ଼ିଗଲେ ଛାତି   ଯାଉଛି ଫାଟି,

ପ୍ରାଣହୀନ ମାଟି—   ନଡ଼ା-ଇଟା ଗଢ଼ା   କୁଡ଼ିଆ ପୁଣି
ବନ୍ଧୁଜନ ପରି   ଛାତିକୁ ଟାଣଇ;   ତାହାରେ ଗୁଣି

ଗୋକୁଳର ମନ   କାନ୍ଦନ ହୁଅଇ   ଫେରିବା ପାଇଁ
ନୂଆ ଦେଶ ନୂଆ   ସୁଖ ଦେଖି ମନ   ଧରଇ ନାହିଁ ।

Digitized by srujanika@gmail.com

କାଲି ସେ ଚଢ଼ିବ ଡ୍ରୋଇଟରେ, କହୁ ଗଲ ମିସ୍ତ୍ରିସ୍ତ୍ରୀ;
ତା ଶୁଣି ମନରେ ଦ୍ୱିଗୁଣ ପଡ଼ିଲେ ବାଳକ, ସ୍ତ୍ରୀର ।

ଗଣ୍ଡ ତାର ଓଦା ଭରି ପକାଇଲ ନୟନ ନୀରେ ।
ଗଣ୍ଡିସହି ମୁଣ୍ଡ ତଳେ ଦେଇ ଶୋଇ ପଡ଼ିଲ ଧୀରେ ।

ତହିଁ ଅର ଦିନ ମିସ୍ତ୍ରୀ ଆସି ଯେବେ କଲା ଗଣନା
ନ ମିଳେ ଗୋକୁଳ; କାହିଁ ଗଲ ନାହିଁ ପଡ଼ଇ ଜଣା ।

ଗୋକୁଳ ଯିବାର ହେବ ଦିନା ସ୍ମରି ଛୁଟି ତା' ଘର
ସେହୁ ଦିନୁ କେହୁ ଦେଖିନ ତା'ଡାଟି ମେଲ ହେବାର ।

ଟିଲ୍ସପାଇଁ କଲେ ଫୁଟାଇବା ପାଇଁ ଲଗାଇ ଚୂଲି ।
ବୋହୂ ଘରେ ବୋହୂ ଖାଣ୍ଟ ଖାଣ୍ଟୁ ଢଙ୍ଗରେ, ପାଞ୍ଚ ମୁଠୁଳି ।

ଲୁହ ପୋଛୁ ପୋଛୁ ଡାକୁଥାନ୍ତି ବୁଢ଼ୀ ଦଈ ଦେବତା
'ଧୂଳି ଗୋଡ଼ ଧରି ମୋ ପିଲା କପରି ଫେରି ଆସନ୍ତା !

ଜନମୁଁ ମୋ ପିଲା ଦର ଘୁଞ୍ଚି କାହିଁ ଯାଇନି ଦୂରେ
କାହା ଆଖି ମାଣି ଦେହ ଭାଙ୍ଗିବ ମୋ' ପିଲା କା ପୁରେ ।

ସପତ ପୁରୁଷ ଏଇ ଭୂଇଁ ଧରି କାଟିଲେ କାଳ
ମୋର ପିଲା ଏକା ପେଟ ପାଇଁ ହେଲ ଦରିଆ ପାର ।"

କାନ୍ଦ କାନ୍ଦ ବୁଢ଼ୀ ଡାକୁଥାନ୍ତି ଗାଲି ଦଈ ଦେବତା
ଯେ ଗୋଟେ ଯାଇଛି ସେଇ ଗୋଟେ କେବେ ଫେରି ଆସନ୍ତା ।

ସତକୁ ସତ ଗୋ ପାଞ୍ଚ ଦିନ-ଦିନ ହେଉଣୁ ସତ
ଜରୁ କୁଟି ଗୁଡ଼ୀ କଳାହିଁ ଚଢ଼ିଗ ମୂଳରେ ବଣି;
ଆଗେ ଆସି ଭଣ୍ଡ ଦେଖିଲେ ଗୋକୁଳ ଧୂଳି ଚରଣେ
ଫରଟେ ନ ଆସେ ନିରେଖି ନୟନେ ବୁଢ଼ୀ ଲେ ଷଣେ ।

Digitized by srujanika@gmail.com

ବଣି ଦେଖି ଦେଉଇ ‘ନମ ସଂଗାଳ’ ବୋଲି ବୋହୂକୁ ଡାକ
ଗୋକୁଳିର ଦେହ ଆଜି ଶୀ ଦେଖାଦେଲେଟା ଥୋଇଲେ ନାଭ ।

ମଙ୍ଗଳର ଦଶରେ ସାହୁଭାବ ଯେପରେ ଭାବଲ ଢ଼ାଁଙ୍କ
ଭିତରୁ ଶାଢ଼ୀ ମା କହିଲେ ସେ ଧନ ଇଚ୍ଛରେ ଭାବ;

“ନେଲେ ପଟ ନଅ ବାଙ୍କା ସାଢ଼ମାଣ ନ କର ଘଣ୍ଟା,
ନ ଦେଖୁ ମୋ ଚିନ୍ତା ଦାଣ୍ଡ ସାତ ପର ଏ ଦୁଷ୍ଟ ଦୁଷ୍ଟା ।”

Digitized by srujanika@gmail.com

ବିଲ ଲକ୍ଷ୍ମୀ

ପଉଷ ଶେଷ, କଟା ସରିଛି ଧାନ,
ଉପରବେଳା, ଢୋଇ ଅଟସ ସାପ୍ତାହ୍ନ,
ପୁଅକୁ ସାଥି କରି ଜୀଅନ୍ତା ଗାଈ ଷଣ୍ଢ,
ବିଲରେ ଫ଼ନ ବାଁଧେ ଦୀନା ପଧାନ ।

ଦୂରରେ ଥାନେ ଥାନେ, ଟେଲ୍‌କ ଗହଳ,
ଦିଶୁଛି ଧାନ-କଟାବଧା ଚହଲ,
ଲଦ ଶଗଡ଼ ଚାହିଁ କୃଷକ ନାଏ ବାହୁ,
ପଛେ ତା' ପୁଅ ଟେଁଏ କରନ୍ତି ଗୋଳ ।

ହୁଇଟି କଅଁସିର୍ ଯାଉଛି ଏକ,
ସାହୁ ବନଲା ହାଁଉଛି ଦେଖାଇ ଲେଖ,
ବାଙ୍କୀ, ଏ ତବେ ଭୁଇଁ କେଉଁ ଥିଲା ଅସଲ,
ତଥାପି ଅଛି ଲାଗି ନୁଆଁଇ ବେକ ।

Digitized by srujanika@gmail.com

ବେଗକୁ ବେଗ ଘୂଅ ଅଣେ ଗୋଠାଇ
ପ୍ରଧାନ ଛେଚି ଛେଚି ଦିଏ ସଜାଇ
ପ୍ରାଣ-ଦୋସର ପର, ସେଦନେନ୍ଦ୍ର ହ ଭ ମାଳ,
ଉଠାଏ, ପୁଣି ଜଳେ ଦିଏ ବସ୍ତାଇ ।

ସ୍ଥିତଏ ଦେହଁ ଗଦା ସେନେନ୍ଦ୍ର ଭରେ
ନଇଁ ପଡ଼େ ପ୍ରଧାନ ସ୍ବର୍ଣ୍ଣ-ସ୍ବଗରେ,
ସ୍ବ-କର-ଜାତ ଲକ୍ଷ୍ମୀ ଦେଖି ମୁଗ୍‌ଧ ତା' ଆଖି,
ଥରକୁ ଥର ଧରେ ଧାନ୍ୟ ଗୁଚ୍ଛରେ ।

ଏକାଳେ ପୁଅ ଦୂରୁଁ କହୁଛି ନଇଁ,
'ବାପା, ଶୁଣିଛୁ ? ତତେ ନାହିଁ ମୁଁ କହୁ,
ପିଅଦା ଅଟିଲାଣି ସାଙ୍ଗେ ପଠାଣ ଆଣି,
ଏଥର ନାହିଁ ଦେଲେ କିପରି ରହୁ ?'

ଗୁଳି ଖାଇଲା ପରି ଚମ୍କାଇ ପ୍ରଧାନ,
ଅଙ୍କୁଳେ ଯାକି ଗଦା, କରଇ ଧ୍ୟାନ,
'ତୁହି ମା ମୋ ଶରଣ ମୋ' ପିଲାପିଲି ପ୍ରାଣ,
ତୋଷଣି ମଦେ ବନା ଗଲାଣି ଜାଣ ।

ବହିଲ ନାହିଁ ଦୟା ତଳେ ତୁ ପ୍ରାଣେ
ଶରମ-ଫଳ ବନ୍ଧୁ ନେବେ ପଠାଣେ,
ଲୁଖ ଗୁଣବତି ଟେଙ୍କ ଧର ଏ ଚାଟଗନ୍ତ
ସମ୍ଭାଳ ଯିବ ସାଗ ବର୍ଷ କି ଟାଟେ ।'

Digitized by srujanika@gmail.com

ପେଟ ମୋ ଦୂରୁଯାଏ ଦେଖିଲେ ଛଟେ
ତୋର ମା ବାପ୍ପା ନାହିଁ ଜାଣିଚେ ଗରେ,
ଖସ ଉସ ସମ୍ଭାଳି   ଡପାଳେ ଝାଳ ମାଉ
ପିଟିରେ ନାହିଁ ଲନା, ଡୋଷଣି ପେଟେ !"

ଦେଖାଇ ଏଣେ ଟାଣ, ପୁଅରେ ଘପେ
'ବଡ଼ା ତୁ ଅଣ, ଗାଡ଼ ମାଝ ଯେ ଅସେ,
ଖଜଣା ସୁଙ୍ଘା ସୁଣ୍ଟି   -   ହେବ ନ ବୁଙ୍ଗା ବୁଟି ?
ଏଠି ଓସ କଥା କପାଁ ମଥାରେ ପଶେ ?'

Digitized by srujanika@gmail.com

ଗୋପ-ତର୍ପଣ

୧

ଜୟ ହେ ଶାନ୍ତ, ସତ୍ୟର ପୂତସେବ୍ରତ
ସନ୍ନ୍ୟାସୀ, ଋଷି, ଅବତାର-ଦେବ୍ରତ ।
ଜୟ ହେ ଅଖିଳ ପତିତ ଜନର ବନ୍ଧୁ,
ଓଡ଼ିଶାର ଅତି ଆପଣାର ଗୋପବନ୍ଧୁ ।

୨

ତୁମେ ସନ୍ନ୍ୟାସୀ ପରି ରଚିଲ ବକୁଳ ବନ,
ଗାଇଲ କଣ୍ଠେ ସତ୍ୟଯୁଗର ଗାନ,
ଯାହେଁ ଯେ ଆସିଲେ ପୁରୁଷ ଭାଗ୍ୟବାନ,
ଦେଲ ତାଙ୍କୁ ସଂଯମ-ଗରିମାନ ।
ତୁମର କଣ୍ଠେ ମିଶାଇ କଣ୍ଠବାଣୀ
ସଭିଏ ଗାଇଲେ ମୁକ୍ତିର ଅଗ୍ରଣୀ ।

Digitized by srujanika@gmail.com

୩

ତୁମେ ବାହାର ପଢ଼ଇ ଉଷାର ଫୁଲ ଧର,
ଘାଟେ ଘାଟେ ନେଇ ଉଡ଼ଇ ଭ୍ରମର ଭଙ୍ଗୀ,
ଯାହା ପାଖେ ଗଲ ସେ ଦେଖଇ ଅଙ୍କାଙ୍କ ଭାନି
ମହା ଉଷାଙ୍କର ମହା ଇଙ୍ଗିତ ମାନି ।
ସଭଲେ କହୁଲେ; ଆସ ସନ୍ନ୍ୟାସୀ ଆସ,
ସ୍ମରଣେ ଯେସବ ହତଭାଗ୍ୟର ତ୍ରାସ ।

୪

ତୁମେଂ ଦେଶ ଦେଶ ବୁଲି ଫେରୁଛ ଛାଡ଼ର ଘରେ
ଭିକାରେ ଦେବାକୁ ଫଳ ଆପଣାର କରେ,
ଯାଉଥିଲ ଯେ ଗଲେ ସାନଦେ ଘରେ ଫେରୁ
ଅଭକ୍ତ ଯେତେ ସେଧଲେ ନିକଟେ ଯେଉ,
ତାଙ୍କ ପାଖଁରେ ରାହିଲ ଶ୍ରେଷ୍ଠ ଦାନ
ଦୁଇଟି ଅଶ୍ରୁ , ଗୋଟିଏ ଆଲିଙ୍ଗନ ।
କରୁଣ, କୋମଳ ଦୁଇଟି ବଚନ କହୁ
ଦେଇ ଦୁଃଖୀର ବୁକୁର ଦୈନ୍ୟ ଦହୁ ।
ତୁମେ ସନ୍ନ୍ୟାସୀ, ତୁମେ ଲକ୍ଷ୍ମୀଛଡ଼ାର ବନ୍ଧୁ
ଓଡ଼ିଆ ଜାତିର ଦରିଦ୍ର ଗୋପବନ୍ଧୁ ।

୫

ଚିତ୍ତର କଥା ଅନ୍ତର ଗଲେ ଜାଣି
ଅନ୍ତରତମେ ଡାକିଲ ବୁହାଇ ପାଣି ।
ପରପାଇଁ ନିଜ ଦେବତାରେ ଅଛ ଡାକି
ବାବାଜୀର ଅଉ କି ବାସନା ଥିଲା ବାକି ?

Digitized by srujanika@gmail.com

ଝର୍ ଝର୍ ଶୋଣିତ ଢାଳିଛ ଯୁଗେ
ଶାନ୍ତି ଦେବାକୁ ଦୀନ ଦରିଦ୍ର ବୁକେ ।
ବୁଝିବାକୁ ଯାଇ ସକଳ ବୁକୁର ବ୍ୟଥା
ସକଳର ପାଇଁ ଦେବାକୁ ବସିଲ ମଥା ।

୨

ଦରିଦ୍ର ପାଇଁ ଛଡ଼ିବାକୁ ସବୁ ଦାନ
ସବୁରର ବୁକେ ପାଇଅଛ ଅଙ୍କ ଥାନ ।
ନଇଁବାକୁ ଯାଇ ବିରାଟ ହୋଇଛ ଆପେ,
ପୁଣ୍ୟ ଅର୍ଜିଛ ଦୁଃଖୀର ଅଭିଶାପେ ।
ପତିତ ପାବନ ହୋଇଛ ପତିତେ ବରି,
ରଙ୍କ ହୋଇଅଛ ଭିକ୍ଷାର ଝୁଲି ଧରି,
ଜୀବନ ଗୁଳିଲ ସକଳ ଅନ୍ତସ୍ଥଳେ,
ଫୋଟି ଅନ୍ତର ତୁମରି ଜୀବନ ଫଳେ,
ସକଳର ଯୁଗେ ଲଭୁଇ ଆପଣା ବଥା
ମାଡ଼ି ବସିଅଛ ସକଳ ଜନର ମଥା ।

୩

ସନ୍ନ୍ୟାସୀ ଅଙ୍କ ସାରିଛ ତୀର୍ଥାଟନ,
ଶେଷ ହୋଇଅଛି ଭିକ୍ଷାର ବିତରଣ,
ଗରୁଡ଼ ପାଇଛି ସୁଧାର ସ୍ୱର୍ଣ୍ଣ ଝର
କେଉଁ ବଳବାନ ରକ୍ଷିବ ତାହାରେ ଧରି ?
ଯାଅ ବୀର ଯାଅ, ଧର ହେ ତୁମର ପଥ,
ଅପେକ୍ଷା କରେ ଦୁଆରେ ଦେବତା ରଥ,
ଆପଣାର ସଙ୍ଗେ ଏତେଦିନେ ଯିବ ଘେନି,

Digitized by srujanika@gmail.com

ଦେବତା ନାଚିବେ ଅନନ୍ଦେ ପାଶେ ଦେଖ,
ଶୃଙ୍ଖଳ ମୃଗ ଜଙ୍ଗଲ ଉଠିବ ଧୀରେ,
ଭଲସି ଅସି ପୋଛିବେ ଅଶ୍ରୁ ନୀରେ,
ତର ତର ହୋଇ ବହିବ ମନ୍ଦାକିନୀ,
ତା ତୀରେ ବୁଲିବ ଭ୍ରମର ଅଳୀକଳୀ,
ମନେ କି ପଡ଼ିବ ସେବେ ଅମୃତପାୟୀ
ରତ୍ନାସରେ ବକୁଳ ବନର ଗ୍ଳାନି ?

Digitized by srujanika@gmail.com

ଗୋପ-ପ୍ରୟାଣ

ମହାବୀର ମହା ପ୍ରୟାଣ ରଚିଲ ଆଜି
ତା' ମହାଜୀବନର ଗର୍ବ ଗଲ ଯେ ଭାଜି !
ଅନାବିଳ ତାର ସ୍ମୃତିରେ ଅଛୁ ରହି
ପ୍ରତି ଘରେ ତବର ପତାକା ଯାଉଛୁ ବହି,
ପ୍ରତି ହୃଦୟେ ଦେଖ ଘୋଟିଛି ଅନ୍ଧକାର
ଅଧରେ କେବଳ ତା'ର ନାମ ଉଚ୍ଚାର,
ଘରେ ଘରେ ଉଠେ କ୍ରନ୍ଦନ-ରୋଳ ବାଜି
ବିଶ୍ୱ ଓଡ଼ିଆ ଜାତି ମଥାମଣି ହୁଡିଲେ ଖସିଲା ଆଜି ।

Digitized by srujanika@gmail.com

—୨—

ନଗରେ ନଗରେ ନାଗସ୍ୱରେ ଆଜି
ନମ୍ରନେ ଅଶ୍ରୁ ଭରି
ଆସ ହେ ସକଳେ ସ୍ମୃତିପଥ ପରେ
ଚରଣ ନମ୍ର କରି ।
ମଥା ନତ କରି ସମ୍ମାନ କର
ସ୍ୱର୍ଗତ ମହାତ୍ମନେ
ତୁମ ମେଳେ କେହୁ ଅଛନ୍ତି କିଏ ଆନ
ତ ତ୍ୟାଗର ଅଭ କଣେ ?
ରଜା ଆସ, ଆସ ଧନିକ, ବଣିକ
ସ୍ୱର୍ଣ୍ଣ ସୌଦାଗର
ଆସ ଋତ୍ୱିକ, କୃଷକ, ଯତୀ,
ସବୁ ସାଥେ ତାର ଚଳ ।
ବ୍ରାହ୍ମଣ ଗାଅ ମରଣ-ମନ୍ତ୍ର,
ଜନତା, ଧର ହେ ପାଳି
ଜନପଦବାସୀ ଖୋଲ କରତାଳେ
ଗମ୍ଭୀରେ ଦଅ ତାଳି ।
କୁଳବଧୂ ସବୁ ଦୁଇ ତୁଣ ଅର୍ଘ
ଗବାକ୍ଷ-ପୂଜା ଧର
ତାର ପ୍ରାଣ-ଚିହ୍ନ ମାଟିପରେ ତବ
ଅଶ୍ରୁ ପଡ଼ୁ ହେ ଝରି ।
ଆସ ସନାତନୀ, ଆସ ଖ୍ରୀଷ୍ଟାନ
ଆସ ହେ ମୁସଲମାନ
ଜାତିର ଗଙ୍କାକୁ କ୍ଷୁଦ୍ରତା ଭୁଲି
କର ଥରେ ସମ୍ମାନ ।

Digitized by srujanika@gmail.com

ଧର୍ମ ଭୁଲି ସେ ଦରିଦ୍ର ମୁଖେ
ଅନ୍ନ ଦେଇଛନ୍ତି ଆଣି
ସକଳ ଦୁଖୀଙ୍କ ନିଜ ଦୁଖ କରି
ଚକ୍ଷୁ ଦେଇଛନ୍ତି ପାଣି ।
ସେ ଥିଲେ କୋଟିଏ ଦରିଦ୍ର ମେଳେ
ଦରିଦ୍ର-ନାରାୟଣ
ତାହାଠାରୁ ବଳି ଅଛି କହ
ତୁମର ପଣ୍ୟଜନ ?
ଶବ ପଛେ ତାର କୋଟି ମସ୍ତକ
ନୁଆଁଇ ଓଡ଼ିଆ ଜାତି
ସମ୍ମାନ କରୁ ତା'ରେ, ଯେ କରିଲେ
ପୂଣ୍ୟ ତୋହର ମାଟି ।
ବାଜୁ ଖୋଳତାଳ, କୁଳବଧୂ ସବୁ
ଢେଳ ହେ ଅଶ୍ରୁଧାର
ମରଣ ଜାଣୁ ହେ, କେତେ ପ୍ରିୟ ଥିଲେ
ଆମର କର୍ମବୀର

— ୩ —

ଟିଏ ରହ ଏବେ ନିଖିଳ ଓଡ଼ିଆ ଜାତି
ସେନାପତି ତୋର ଗୃହିଗଲା ପରେ
ଶୂନ୍ୟ କରି ଏ ମାଟି ।
ମରଣେ ଅମ୍ବର କି ମନ୍ତ୍ର ଗାଇ
ସେନାଗଲା ପ୍ରିୟଜନ,
କପାଳି ନେଲା ସେ ? ନିଷ୍ଠୁରେ ତାଙ୍କୁ
ଅମ୍ବର ଇଷ୍ଟଜନ !

Digitized by srujanika@gmail.com

ଜଣକର ନୃତ୍ୟ, ଦେବକୋଟି ଲୋକ
ହୃଦୟ-ଜ୍ୟୋତ୍ସ୍ନା ଧାରେ—
ଭେଣ୍ଟଗଣ, ଏକ ନିଖିଳ ଜାତିରେ
ଭସାଇ ନବଗ୍ନରେ ।
ଦେବକୋଟି ଲୋକ ନୟନେ ମରଣ
ତିକ୍ତ ଅଳାପ ଗୁହିଁ
ଅନୁତାପ କରୁ ନିର୍ଦ୍ଦୟ ଧାର
ଚପଳ-ବୃଦ୍ଧି ପାଇଁ ।
ଯଦି ରେ ଓଡ଼ିଆ ପ୍ରିୟଜନ ପାଇ
ବିଳାପ କରିବା ଜାଣ ।
ଅତି ପ୍ରିୟଜନ ବିରହରେ ଅଜି
ଫାଟେ ନେତା ବୁକ ପ୍ରାଣ
ଦେଖାରେ କୃଷକ ଠିଆ ହୁଅ, ଶୁଣ
କ୍ରନ୍ଦନ ଗଗନରେ
କୃଷକର ସଖା ଗୁଲି ଯେ ଗଲାଣି,
ହାହାକାର ଘରେ ଘରେ ।
ବ୍ରାହ୍ମଣ ଆଜି ଚେଙ୍କି ଅସ ତବ
ଦେହଲ ଅନ୍ଧାକାର,
ଦେବତା ଯେ ଏଇ ଗୁଲିଗଲେ ସଥେ,
ଅର୍ଚ୍ଚନା କର କାର !
ଯିଏ ଯନ୍ତି ଅଛ ପଥେ ଠିଆ ହୁଅ
ନିଖିଳ ଓଡ଼ିଆ ଜାତି
ଗୁହିଁ ସେନାପତି ଚାଲି ଗଲେ ତବ,
ଶୂନ୍ୟ କରି ଏ ମାଟି ।

Digitized by srujanika@gmail.com

— ୧ —

ସେନାପତି କହିଁ। ନୁଆଁଇଲା ତରବାରୀ !
ପ୍ରତାପ ତାର ଶେଷ ନ କରି ସେ
ଦେଲା ଗୃହ-ଅଭିଳାଷୀ !
ଦେଶେ ତ ଲଭିନ ଶରଧନ ଲାଗି
ଅନ୍ତର ହାହାକାର
ହେ କିପାଁ ଚଳାଲା ନ କରି ତାହାର
ସମୁଚିତ ପ୍ରତିକାର ?
ଓଡ଼ିଆ ଅନ୍ତର ଦେଶେ ଦେଶେ ପାଏ
ଅଧମର ଅପମାନ
ଦେହ କୋଟି ଲାଗି ଦେଶେ ଦେଶେ ବୁଲି
ଆଣିବ କେ ସମ୍ମାନ ?
ଦେହ କୋଟି ଯେବେ ଗୋଟିଏ ତ ତାକୁ
ବାନ୍ଧୁଥିଲା ସାର କରି
ସବୁ ମାୟା କାଟି ଶରଧନ ଲାଗି
ସେହୁ ପୁଣି ଗଲା ଚଳି !
କାହାକୁ ବୁଝିଲା ନାହିଁ ନିଷ୍ଠୁର,
ରହିଲା ତାହାର ଜାତି
ରହିଲା ତାହାର ପ୍ରିୟ ବନ-ବାଲି
ରହିଲା ତାହାର ମାଟି !
ଆମ ଲାଗି ପଣ କଥାକେ କଥାକେ
ଲୁହ ବୋହୁଯାଏ ତାର
ପାଷାଣ ପରି ସେ ଦେଖୁଛି କିପରି
ଅମର-ଅଶ୍ରୁଧାର !

Digitized by srujanika@gmail.com

ଦେଖୁ କୋଟି ଲୋକେ ଭଲ ପାଉଥିଲେ
ପତ୍ନଣରୁ ବଳି ପର,
ସକଳେ କରନ୍ତି ଅଶ୍ରୁ-ସ୍ନାନ
ସନ୍ଧ୍ୟା ତେଜି ଏ ଧରା !
ତାହା ଇଙ୍ଗିତେ ଟଳିଯୋଟି ଅଖି
ଲୁହଁ ଥାଏ ଅହରହ
ସେ ତ ଗଲ ଚୁଲି, ମୃତ ଜନତାରେ
ଚଳାଇବ କିଏ ବଳ ?
ଦେଶ ଦେଶ ବୁଲି ଅଣୁଥିଲ ଘରେ
ଫଳ ଅମର ପାଇଁ
ବୁଝୁଥୁ ସବୁ ତା ବିନା କି ହେବୁ,
ସେ କଥା ବୁଝିଲ ନାହିଁ ?
ଏଉମନେ ଥିଲ ? ତେବେ କିପାଁ କହ
ଏତେ ଲୀଳା ଥିଲ କର ?
ପ୍ରିୟଜନ ପଦ ଟିକିଏ ବାଧିଲେ
ଅଶ୍ରୁ ପଡ଼ିବା ଝର !
ସେ ସବୁ ଦେଇଣ ଦଗ୍ଧଦ୍ରବର
କାନ୍ଦିଛୁ ଲକ୍ଷଜନେ;
ସେ କଥା ସେ ଜାଣେ ? ଜାତି ମର୍ମପାଏ
ଜଣଜର ଏ ମରଣେ !
କିପାଁ ଭୁଲିଗଲ ଅହେ ପ୍ରିୟତମ,
ନିଠିଳ ଶରଦାଘା
ତୁମ ଗୁଣପାଳ, ଗୁଣୀ ହୋଇ ମନେ
ବେଦନା-ଜଟିଳୁ ଝର !

Digitized by srujanika@gmail.com

—୫—

ଜଗନ୍ନାଥର ସିଂହଦୁଆରେ
ଭୟ ଅଛି ପ୍ରତିହାରୀ
ପଥ ଛାଡ଼ିଦିଅ ଯାଉଛନ୍ତି ଦେବତା—
ଶ୍ରେଷ୍ଠ ସେ ପୂଜାହାରୀ ।
ଗରୁଡ଼ର ପଛେ କେ ଅଛି ଭକ୍ତ
ଅନ୍ତ ହୋଇଯାଅ ସ୍ୱର
ଭକ୍ତର ସଙ୍ଗା ଆସୁଅଛନ୍ତି ସବ
ଦେବତା ପୂଜିବା ପାଇଁ ।
ଧାର୍ମିକ ସବୁ ନିଜ ସୁଖ ଖୋଜି
ଦେବତାରେ ଅଛି ମାଗି
ପର ସୁଖ ପାଇଁ ସେ ଡାକୁଛନ୍ତି ତାର
ଦେବତା ସ୍ୱର୍ଗ ତ୍ୟାଗି;
ସ୍ୱୀୟ ପଡ଼ୋଶୀରେ ମମତା ଦେଇ ସେ
ପୂଜିଲା ତା ଭଗବାନ
ଦେହ କୋଟି ଲୋକ ମଙ୍ଗଳ ଲାଗି
ପୂଜୁଛନ୍ତି ତା ନାରାୟଣ ।
ବାଟ ଛାଡ଼ ତାକୁ, ଦେବତାର ପଦେ
ଯାଉ ତା ଆତ୍ମା ମିଶି
ରତ୍ନବେଦୀରୁ ଦେଖି ସେ ତାହାର
ଜ୍ୟୋତି ଭାଇ ଦବା ନିଶି ।
ସେଠୁ ବେଦୀ ତଳୁ ଅଶେଷ ତାହାର
ଅମୃତ ସମ ଝର
ବହିଯିବ; ତାହା ଉତ୍କଳଜନେ
ନେବେ ଅଞ୍ଜଳି ଭରି ।

Digitized by srujanika@gmail.com

ପତିତପାବନ ବାନା ଯୁଗେ ଯୁଗେ
ଶରଣ ଉତ୍କଳର
ସେହି ବାନାତଳେ ଉତ୍କଳ ମଣି
ଜନ୍ମୁଥାନ୍ତୁ ସ୍ୱପ୍ନର ।

ପତିତପାବନ ଦର୍ଶନ ବେଳେ
ନିଖିଳ ଓଡ଼ିଆ ଜାତି
ବାଉଣି ସାହାଟେ ପାଇବ ପତିତ—
ବନ୍ଧୁ ଚରଣ ମାଟି ।

—୬—

ହେ କବି, ହେ ଋଷି, ବାଗ୍ମୀ ହେ ତବ
ଚରଣେ ନମସ୍କାର
ଯେ ପଥେ ଯାଉଛ ଏଇ ମାଥେ ପଡ଼ୁ
ପଥର ରେଣୁ ଭାର ।
ପୁରୁଷୋତ୍ତମ, ତୁମ ଲାଗି ଆମେ
ଧନ୍ୟ ହୋଇଛୁ ସବୁ
ମରଣେ ତୁମର ଚରଣ ହେ ବିଜୟେ
ଆଜି ଉତ୍କଳ ଧରା !
ତଥାପି ତୁମର ମୃତ୍ୟୁ କି ଅଛି ?
ତୁମେ ଯେ ମୃତ୍ୟୁଞ୍ଜୟୀ,
ଗୋଟିଏ ଯା ଥିଲ ମରଣେ ଜନ୍ମ
ଲଭିଛ କୋଟିଏ ହୋଇ,

Digitized by srujanika@gmail.com

ଶ୍ମଶାନ ତବ ଚିତାନଳ ଧନ
ଧନ୍ୟ ଧନ୍ୟ ଭବେ
ମହ'କାଳ ତବ ନାମ ଶିରେ ଧରି
ପୁଲକିତ ହୋଇ ବନ୍ଦେ ।
ଲକ୍ଷ୍ୟଭ୍ରଷ୍ଟ ଦେବତା ସ୍ୱଗେ୍ୟ,
ଯେସି ଅସି ଧସ୍ୱ ପରେ
କର୍ମେ, ବଚନେ ବର୍ଣ୍ଣନ କଲ
ଅମୃତ ଜୀବନରେ ।
ଛର ଦବତ୍ର ଅମେ, ଆଜ ପାଇଁ
ବସିଥିଲୁଁ ହାତ ପାତ
ନିଷ୍ଠୁର ତୁମେ ହତାଶ କରିଲ,
କହିଁର ଗୁଢ଼ ଏ ମାଟି ?

Digitized by srujanika@gmail.com

ଗୋପବନ୍ଧୁ

ପ୍ରାଣ-ରୂପେ ରୂପବାନ୍ ଜଣେ ମହାଜନେ
ସମ୍ମୁଖେ ଦେଖ ଗୋ ଏଇ, ପ୍ରଣମ ଚରଣେ ।
ପୁଣ୍ୟ-ତ୍ରାଣ ଗୋପବନ୍ଧୁ, ଉତ୍କଳ ଦେଶର
ମୁକୁଟ ବିହୀନ ରାଜା; ଦୀନ ଦରିଦ୍ରର
ପ୍ରକୃତ ପରମ ବନ୍ଧୁ, ଦୀନ ଦୁଃଖୀ ପାଇଁ
ନୟନୁ ହୃଦୟ-ଦ୍ରାବି ଲୋତକ ବୁହାଇ
କିଏ ଆଉ ତାଙ୍କ ପାଶେ ଦୁଃଖେ ଦୁର୍ଦ୍ଦିନରେ
ପଣ ଧରି ହେବ ଠିଆ; କୋମଳ ବାକ୍ୟରେ
ଲୁଞ୍ଛାଇବ ଲୁହଟୁରେ ? ଏ ଦେଶ-ଜାତିରେ
ପ୍ରାଣ ଦୃଷ୍ଟି ସ୍ନେହ ଦେଇ, ନୟନର ନୀରେ
ତର୍ପଣ କରିବ କିଏ ! ଉତ୍କଳ-ଜନନୀ
ହରାଇ ଏମନ୍ତ ଯୋଗ୍ୟ ପୁତ୍ର ଗୁଣମଣି
ହୋଇଅଛି ଅଶ୍ରୁମୁଖୀ କୋଟିପୁତ୍ର ଥାଇଁ
ତାଙ୍କ ପରେ ଦରିଦ୍ରର ବନ୍ଧୁ ନାହିଁ ଆଉ ।

Digitized by srujanika@gmail.com

ଚନ୍ଦ୍ର ଶେଖର

ଅଜ୍ଞାନ ତମସାବୃତ ଉତ୍କଳ ଭୁବନେ
ଜ୍ୱାଳିଲେ ଯେ ଜ୍ଞାନ-ଦୀପ ଦରିଦ୍ର ପ୍ରାଙ୍ଗଣେ,
ଆଲୋକ ଯାହାର ଦେଖି ଦେଶ ଦେଶାନ୍ତର
ଜାଣିଲା ପ୍ରଥମେ ନାମ ଉତ୍କଳ-ଦେଶର,
ଏହି ଚନ୍ଦ୍ରଶେଖର ସେ ପୁରୁଷ ସତ୍ତମ
ସୁନ୍ଦର ପ୍ରଦେବରୂପେ, ସ୍ୱର୍ଗରେ ପ୍ରଣମ ।
ଜୀର୍ଣ୍ଣ କୃଶ ଦେହ-ଯଷ୍ଟି; କିନ୍ତୁ ଅନ୍ତରରେ
କି ତେଜ କି ପ୍ରାଣ ଥିଲା ! ଭୁଲି ଦାରିଦ୍ର୍ୟରେ,
ଭୁଲି ରୋଗ, ଭୁଲି ଋଣ, ରାଜ ଅତ୍ୟାଗ୍ରହ,
ନ ରଖି ଫଳରେ ଆଶା ଛଳେ; ସାଧନାର
କେମନ୍ତେ କଠୋର ଜ୍ଞାନ-ଯୋଗ ସେ ତପସ୍ୱୀ
ସାଧିଲେ ଅଜ୍ଞାତ ସଙ୍କେ୍ୟ ! ମସ୍ତକ, ଶ୍ରେୟସି
ଅପେ ନଇଁ ଆସେ ଏଇ ଋଷି ସମ୍ମୁଖରେ
ସ୍ତବ୍ଧ ମୁଁ ହୁଅଇ ତାଙ୍କ ପ୍ରାଣ-ସୌନ୍ଦର୍ଯ୍ୟରେ ।

Digitized by srujanika@gmail.com

ସ୍ୱଭାବ କବି ଗୋପାଳକୃଷ୍ଣ

ସତୃଷ୍ଣ ହୋଇ ମୁଁ ପିଏ ହେ ଗୋପାଳକୃଷ୍ଣ
ନିତ୍ୟ ତବ କାବ୍ୟ-ସୁଧା; ଥର ଥର ଭରି
ଯେତେ ମୁଁ ପିଇଲି; କିନ୍ତୁ ତବ ସୁଧା-କୁମ୍ଭ
ନିଅନ୍ତୁ ପୂର୍ଣ୍ଣ ହେ ଭଳି ଶିଶୁ ମୋର ଧବ ।

ତମ୍ବୁର ଉପରେ ସଞ୍ଚ ରାଧାକୃଷ୍ଣ ଗୀତ
ଆଜି କେତେ କବି ଢାଳେ ବରଷନ୍ତି ରସ,
ତୁମେ କିନ୍ତୁ ଗାଇ ଅଛ ଶତ ସେହି ପ୍ରୀତ
ଏ ଦେହେ ତରୁଣ ଯାର ପାଆନ୍ତି ପରଶ ।

କେତେ ଭାବେ କବି ତୁମ୍ଭେ ପ୍ରେମିକ-ହୃଦୟ,
ପ୍ରେମିକାର ଅନୁରାଗ, ବ୍ୟଥା, ଅଭିମାନ,
ଆଶଙ୍କା, ବିଚ୍ଛେଦ ତଳୁ ଆନନ୍ଦ ଉଦୟ,
ଅଙ୍କିଛ ନିପୁଣେ,—ଦେଖି ମୁଗ୍ଧ ହୁଏ ପ୍ରାଣ ।

ଦେଇଅଛ କବି ନିଜ ସତ୍ୟ ଅନୁଭବ
ତେଣୁ ହେ ଦରଦୀ ମୋରେ ପ୍ରିୟ କାବ୍ୟତବ ।

Digitized by srujanika@gmail.com

ବାପୁଜୀ

ମସ୍ତକେ ମୋର ନିତ୍ୟ ପଡ଼ୁ ହେ
ବାପୁଜୀ ତମର ଚରଣ-ଧୂଳି
ଧନ୍ୟ ହେବ ଏ କ୍ଳାନ୍ତ ଅଙ୍ଗ,
ପୁଣ୍ୟେ ଯିବ ମୋ ପରାଣ ପୂରି ।

ଦେହ ଖାଲି ଯା'ର ସତ୍ୟ, ପୁଣ୍ୟ,
କରୁଣା, ମୈତ୍ରୀ, ସାଧନା ବହେ
ତା'ର ପଦରେଣୁ କେବଳ ପଥର
ହୀନ ମୃତ୍ତିକା ନୁହେ ତ ନୁହେ ।

ସେ ରେଣୁ ପରଶେ ବକ୍ଷେ ମୋହର
ସତ୍ୟ-କୁସୁମ ଉଠିବ ଫୁଟି
ଯୁଗ ଯୁଗାନ୍ତ ଭ୍ରାନ୍ତି ଗଣ୍ଠି
ମୋହର ପଲକେ ଯିବ ହେ ତୁଟି ।

Digitized by srujanika@gmail.com

ଇତିହାସେ ଯେତୁ ଜୈବ ଚେତନ
ଉତ୍ତାଇଲେ ନର-ରକ୍ତ ତାଳ
ଅଙ୍କେ ହେ ଅଶୋକ ତମର ବକ୍ଷସ୍ତେ
ହୃଦସ୍ଥ ତାଙ୍କ ହୋଇବ ସାବ ।
ଜୟ-ରଣ ଭୂମେ ନାହିଁ ଉଠେ ବାହିଁ
କ୍ରନ୍ଦନ କୋଟି ଅବଳା ମୁଖେ
ତଥାପି ହେ ବୀର ସମର ଜିଣିଛ;
ମୈତ୍ରୀ ଫୁଟାଇ ବଇରୀ-ବୁକେ ।
ବାଇ ବାଇ ଭବ ଜିଣିଲ ଯୁଦ୍ଧ,
ହାରିଲେ ସକଳ ଶତ୍ରୁ ତବ
ନିସ୍ପୃହ ଶୁଦ୍ଧ, ତପସ୍ବୀ ହେ,
ଇତିହାସେ ଦୃଶ୍ୟ ଏ ଅଭିନବ ।
ଦେଶେ ଦେଶେ ଯେତେ ଲାଞ୍ଛିତ ପଦ-
ଦଳିତ, ମଳିନ, ଅପମାନିତ
ତମ ଯୋଗୁଁ ବହୁ ଯୁଗ ପରେ ହେଲେ
ମସ୍ତକ ତାଙ୍କ ଉତ୍ତୋଳିତ ।
ଅପଣା ଅଲେଖେ ଅଲେଖିତ ଅଙ୍କ,
ଥିଲେ ଯେତୁ ଛାଇ ଅନ୍ଧକାରେ
ଯୁଗ ଯୁଗ ସ୍ଥିତ ବୁକେ ଦେଲ ତମେ
ସାହସ ସ୍ୱେଧନେ ଅଭ୍ୟାସରେ ।
ନର ଦେହ ହୀନ ମୁକ୍ତିକ ବୃତ୍ତିହିଁ,
ନାସ୍ୟୁଣ ତା'ର ଜୀବନ-ରସ
ମହା-ଚେତନାର ଅଂଶ ସେ ଏଣୁ,
ବିକାଶ ପାଇଁଛି ଶରୀର-ବଶ ।

Digitized by srujanika@gmail.com

ଖୋଲିଲେ କପାଟ ଛୁଟିବେ ଦେବତା;
ପସିଣ ଛୁଟିବ ପୁଣ୍ୟ ପୁର
ଅ-ମୃତ ଯେତୁ, ଜାଣି ସେ ନିଜରେ
ନ ଡରବ ତା'ର କମାଣ-ଶୂଳ ।
ଏ ତତ୍ତ୍ୱ ଆଜି ଜଗତେ ବାପୂଜି
ଶିଖାଇଲ ପୁଣି ନୂତନ କରି
ନତ-ଦଳିତର ଅନ୍ତରେ ଆଜି
ନୂତନ ଜୀବନ ଉଠଇ ଭରି ।
ଯେ କଥା ଶୁଣାଅ ପୟଗମ୍ବର
ସେ ଯେ ସନାତନ ନିତ୍ୟ ବାଣୀ
ମହାକାଳ ଭୁଲେ ମାନବ ପାଇଁକି
ବିଧାତା ରଖିଛି ସେ ବାଣୀ ଛାଣି ।
ଧର୍ମ-ମାଟି ଲେପେ ନର ଭୁଲି ଯାଏ
ନିତ୍ୟ କାଳର ସତ୍ୟ କଥା
ଯୁଗେ ଯୁଗେ ତେଣୁ ବୁଦ୍ଧ, ରସୁଲ୍
ଆସି ଓଠ ଧର୍ମ ଉଠାଏ ମଥା ।
ବୁଦ୍ଧ, ଖ୍ରୀଷ୍ଟ, ନିମାଇଁ କୃଷ୍ଣ
ଯୁଗେ ୨ ଦେଲେ ଯାଚି ଯେ ଦାନ
ସେଇ ଅବତରଣ ପାଇଁ ତ ହେ ଯୋଗୀ
ତମ ଜୀବନର ଏ ଅଭିଯାନ !
ମୁକ୍ତ ପୁରୁଷ ବନ୍ଧ ପାଇଁକି
ଲୌହ କାରାଗାରେ ବନ୍ଦୀ ହେଲ
ଲାଂଛିତ ପାଇଁ କୋମଳ ଅଙ୍ଗେ
ହସି ହସି ସହ-ଅଘାତ ନେଲ ।

Digitized by srujanika@gmail.com

ସତ୍ୟ ଯେ ଲଭେ ମୂର୍ତ୍ତି ତାହାରେ'
        କ୍ଷଣରେ ଚଢ଼ାଇ ମାନବେ ହେଲ
ନୂତନ-ଖ୍ରୀଷ୍ଟ, ବାର ବାର ଭବ
        ତମର ଜୀବନେ ତାର ତ ହେଲ !

ବ୍ରାହ୍ମଣ ତମେ, ଉପବୀତ ତବ
        ଅପୂତ ପ୍ରାଣର ଗହନ ବ୍ୟଥା
ପୁରୁଷୋତ୍ତମ, ତବ ଇତିହାସ
        ଦଗ୍ଧ ଜାତିର ମରମ-କଥା ।
ଜୀବନ ଗୋଡ଼ଇ ବଣ ପଣ ଭିଷି,
        ନେବାକୁ ଅମର ଅଧିକାର,
କଠୋର ତପସେ ଜୀବନ ଝସୁଛ
        ଦେବାକୁ ଧରାରେ ଗଙ୍ଗା-ଧାର ।
ଅଜି ଭଗୀରଥ ତପସ୍ୟା ତବ
        ଏବେ ଧନ ସତେ ଧରୁଛି ଫଳ
ଦୂର ଭବ'ର ହେଜୁଅଛି ମାଟି
        ଯହିଁ ଛୁଏଁ ତବ ଜୀବନ-ଜଳ ।
ମସ୍ତକେ ମୋର ସର୍ଜ୍ଜ ହେ ବାପୁଜି,
        ତମର ଚରଣ-ସଲିଳ-କଣ
ଧନ୍ୟ ହେବ ଏ କ୍ଳିନ୍ନ ଅଙ୍ଗ,
        ପୁଣ୍ୟ ହୋଇବ ସବଣ, ମନ ।

Digitized by srujanika@gmail.com

ଗାନ୍ଧିଜୀ

ସତ୍ୟ ସେ ପୁଚ୍ଛେ, ଶତ୍ରୁ ତାହାର ନାହିଁ,
ଅନ୍ତରଙ୍ଗ ସେ ଗୋ ଭାବୁଥାଏ ପର ପାଇଁ ।

ଦୁଇହାତେ ଏକ କରଇ ସେ ଅଜ ବ୍ରାହ୍ମଣ, ସାବଅ
ନିଷ୍ପାପ ତା'ର ଶୋଣିତ-ବନ୍ଧୁ, ଅହିଂସ ତାର ହସ୍ତ ।
ଅଞ୍ଜଳି ଭରି ବିଷ ପାନ କଲା, ଧରାର ଦଳିତ ପାଇଁ
ସତ୍ୟ ସେ ପୁଚ୍ଛେ, ଶତ୍ରୁ ତାହାର ନାହିଁ ।

କ୍ଷୀଣ ଜୀବ ସେତ, ଡରିଲ୍ଲ ନାହିଁ ସେ,
କମାଣେ କି ବନ୍ଧୁଅଛେ,
ଶତ୍ରୁରେ ଦଏ ନିଜ ସ୍ଥାନ,
ହସି ପଶେ କାରାଗାରେ ।

Digitized by srujanika@gmail.com

ନିଜ ତପେ ବରେ ଶତ-ଶତ-ଯୁଗ
ଅନ୍ୟାୟ ଧର୍ଷଣାୟୀ,
ସତ୍ୟ ସେ ପୂଜେ; ଶତ୍ରୁ ତାହାର ନାହିଁ ।

ଅସିଛୁ ସେ ଅଙ୍କ, ହିଂସା, ରକ୍ତ
କରୁଣାରେ ଦେବ ଧୋଇ
ପର ସାଇଁ ଯେବେ କଙ୍କାଳ ନିଜ
ମସ୍ତକେ ନିଏ ବୋହି;
ପରର ମୁକ୍ତି ପାଇଁ ସନ୍ନ୍ୟାସୀ,
ସୁଖ ଛା' ଜୀବନେ କାହିଁ ?
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଦେବତା ଆତ୍ମା ବହେ ସେ ତାହାର
କ୍ଷୀଣ ମାଟି ଅବୟବେ
ସଦ୍-ବିଭାଷ ତେଣୁ ସେନା ତା'ର
ଚଳ୍ପ-ପଥେ ସମ୍ଭବେ ?
ବୁଦ୍ଧ, ଖ୍ରୀଷ୍ଟ ଏବା ସେ ବରଷ,
ପଛରୁ ଚଳ୍ପ ସାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଇଂରେଜ ଭଟରେ ଶାସନ ଏ ଦେଶର
ବନ୍ଧୁକ ତୋପ ଧରି
ସତ୍ୟ ଯାହାର ପଛରେ ସେ କି ଗୋ
ବାରୁଦ-ଧୂମ୍ରେ ଭରି ?

Digitized by srujanika@gmail.com

ଦୁର୍ବଳେ ଅଙ୍କ ଅସ୍ତ୍ର ଦେଲ ଏ,
ତୁଳନା ତାହାର କାହିଁ
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଚଳାଇଛୁ ଅଜ୍ଞ ଯୁଦ୍ଧ ସେ ବୀର,
ପାପର ଶାସନ ସାଥେ,
ଶାନ୍ତ ଋଷିର ବଚନେ ବଶ୍ୟ
—ମନୁ ସାମ୍ରାଜ୍ୟ ପାଟେ ।
ରହୁଁଛୁ ତାହାରେ ଦଳିତ ବଶ୍ୟ,
ଅନ୍ଧାରେ ଦୀପ ପାଇ,
ସତ୍ୟ ସେ ପୂଜେ, ଶତ୍ରୁ ତାହାର ନାହିଁ ।

ଯେ ପଥେ ଯାଏ ସେ, ସେ ପଥେ କରଇ
କରୁଣା କୁସୁମ ବୃଷ୍ଟି
ବ୍ୟଭିଚାର, ପାପ ଅନାସ୍ଥାକୁ ସେ ଗୋ
କରେ ସତ୍ୟର ସୃଷ୍ଟି,
ସମାଜରେ ନୂଆ କଳେବର ଦିଏ,
ତୁଳନା ତାହାର କାହିଁ ?
ସତ୍ୟ ସେ ପୂଜେ; ଶତ୍ରୁ ତାହାର ନାହିଁ ।

ହିଂସା, ନର, ନାରୀ ପାଗଳ ତା ପାଇଁ,
ଭାସଚାର ନେଲେ ବର
ରୁଷ୍ଟ ପଥରେ କରିଲେ ଯାହା
ଖଡ଼ଗ ପରିହର

Digitized by srujanika@gmail.com

କମାଣେ ଭେଟିଲେ   ଝରୀଷିତା ଯାଁକୁ
ଥିଲ ଚତୁଃପାଠ , ସ୍ନାତ୍ୟ
ସତ୍ୟ ସେ ମୂର୍ଖେ, ଶତ୍ରୁ ତାହାର ନାହିଁ ।

ଯାହା ସେ କରଇ   କରେ ନିବେଦନ
ଭଗବାନ ପାଦତଳେ
ମଥା ଖାଲି ନତ   ହୋଇ ଅଛେ ତାରେ
ଗମ୍ଭୀର ନମସ୍କାରେ,
ଧନ୍ୟ ତେଣୁ ଏ   କବର ଲେଖନୀ
ମହିମା ତାହାର ଗାଇ,
ସନ୍ୟ ସେ ମୂର୍ଖେ, ଶତ୍ରୁ ତାହାର ନାହିଁ ।

Digitized by srujanika@gmail.com

ନାପିତୁଣୀର ଗାନ୍ଧୀ ପୂଜା

(ଇଂରାଜୀ ହରିଜନ ପତ୍ରିକାରୁ କଥା ସଂଗୃହୀତ)

— ୧ —

ଆସିବେ ମହାତ୍ମା ଗାନ୍ଧି ପଛନ୍ତ ଜଙ୍ଘାରେ
ଶୁଣେ ଗ୍ରାମ-ନାପିତୁଣୀ ତା ଗ୍ରାମଟୋଟାରେ ।

ବାନ୍ଧୁଛନ୍ତି ସ୍ୱେଚ୍ଛାସେବୀ ତାଳପତ୍ର-ବାସ,
ଲଟିପଛୁ ଜନତାର ଦ୍ରୁତ ଯାଆ-ଆସ ।

ଦେଖୁଛନ୍ତି ନବ ଲୀଳା ଗ୍ରାମ ନର ନାରୀ,
ହେଉଛନ୍ତି ଲୁହାଲୁହ ପଚରାପଚର—

Digitized by srujanika@gmail.com

କି ଦେବେ ଗାନ୍ଧିରେ ଭେଟି; ଦରିଦ୍ର ସକଳେ—
ନହେଲେ କି ଦେବତା-ଦେଖା ହେବ ଭକ୍ତି-ଭରେ ?

ରିକ୍ତ ହସ୍ତେ କରିବାକୁ ଗାନ୍ଧି-ଦରଶନ
ଦରିଦ୍ର ହେଲେହେଁ ତାଙ୍କ ମାନୁ ନାହିଁ ମନ ।

ଦିନେ ଦୀନ ନାପିତୁଣୀ ଭାବେ ମନେ ମନେ—
“ମୁଁ କଣ ବଢ଼ାଇ ନେଇ ? କିଛି ନହେଲେ ଆନେ

ଦେଇ ଅର୍ଚ୍ଚିବେ ସେ ପୁଣ୍ୟ ଚରଣଯୁଗଳ,
ମୋର ତ ସେ ଲାଗି ନାହିଁ କିଛିହିଁ ସମ୍ବଳ !

ତେବେ କି ଏ ପୁଣ୍ୟ ଦଣ୍ଡ ଯିବ ଖାଲି ଖାଲି !
ଦ୍ୱାରେ ମୋ ବାରୁଣୀ-ବୁଢ଼ି; ପାଡ଼ଇ ପଖାଳି

ପାରିବନି ପାଉଳିଣି ? ପତିତ-ପାବନ;
ହେ ଦେବତା, ହେ ମହାତ୍ମା, ହେ ଗାନ୍ଧି-ସଜ୍ଜନ,

କୋଟି କୋଟି ନରନାରୀ ନମନ୍ତି ପଦ୍ମରେ
ଦରିଦ୍ର ମୁଁ ନାହିଁ ବୋଲି ଧନ ମୋହ ଘରେ

ପାଇବନି ବନ୍ଦି ତବ ପରମ ରେଣୁ,
ପାଇବନି କିଛି ତବ ପୁଣ୍ୟ-ବିତରଣ ?

ଜୀବନେ କଲିନି ପୁଣ୍ୟ, ନିରକ୍ଷର ନାରୀ,
ଆଜି ଏ ବୟସେ, ମାଥେ ବହୁ ପାପ ଭାରି

ଭାବଇ କରିଲେ ନହେଲେ ତୋର ସଦାର୍ଚ୍ଚନ
ହୁଅନ୍ତା ବା କିଛି ହେଲେ ଧର୍ମ ଅର୍ଜନ ।”

Digitized by srujanika@gmail.com

—୨—

ପ୍ରଭାତର ଝଲମଲ, ପଡ଼ିଲା ଚହଳ
ଗ୍ରାମ-ଜନପଦନେ ଯହୁଁ ଗାନ୍ଧି, ଗାନ୍ଧିଦଳ

ହେଲେ ଅସି ଉପଗତ । ପଡ଼ିଲା ଖବର—
ନାପିତ ନାହିଁ ଏ ଗ୍ରାମେ ? ହୋଇବେ ସଂସ୍କାର

ମହାତ୍ମାଏ ପ୍ରଭାତରେ !—ସ୍ୱେଚ୍ଛାସେବୀଗଣ
ଧାଇଲେଁ ତୁରିତେ ଗ୍ରାମେ କରି ଅନ୍ୱେଷଣ ।

ଫେରିଲେ ଯେବେ ସେ ସବେ, ଦୂରେ ନାପିତୁଣୀ
ପଛେ ତାଙ୍କ, ଅକ୍ଷି ଭୂମେ, ମୁଖେ ନାହିଁ ବାଣୀ ।

ସୁସଜ୍ଜିତା ଓଡ଼ିଆଣୀ ଅଙ୍ଗ-ଅଳଙ୍କାରେ,
ଭଂଗୀଯୁ ନାୟିକା ଯେହ୍ନେ ଚଳେ ଅଭିସାରେ !

ସ୍ତବ୍ଧ ସର୍ବ ସଭାଜନେ; ଗାନ୍ଧି ସ୍ମିତେ ହସେ
ନାପିତୁଣୀ ଆଗମନେ, କୌତୁକ-ରଭସେ ।

ହସନ୍ତି ମହାତ୍ମା କହି 'ଅଚ୍ଛା ତ ଏ କଥା !'
ନାପିତୁଣୀ ଖୁର ଧରେ କରୁ ଯୋଡ଼ ମଥା

ଏକଯୋଗେ ଏକମନେ, ଧୀରେ ଦେଇ ଜଳ;
ମହାତ୍ମା ସହିତେ ସ୍ତବ୍ଧ ସର୍ବ ସଭାସ୍ଥଳ ।

କେମ ସେ ପରଶି ଖୁର, ମୁଣ୍ଡେ ଥାପି କର
ନବଯଶ ଓଡ଼ିଆଣୀ କରିଲା ଉଜ୍ଜ୍ୱଳ

ପତିତ-ପାବନ ମହା-ମାନବ ଗାନ୍ଧରେ
ମସ୍ତକେ ବୁଲାଇ ଅସ୍ତ୍ର; ହସ୍ତ ଦେଇ ଧୀରେ

Digitized by srujanika@gmail.com

ଦୁଇ ଗଣ୍ଡେ, ଶବୁଜରେ ପରମ ଆଦରେ
ଅଣିଲା ବୁଲାଇ ଖୁର । ଚରଣଯୁଗଳେ

ନଖି ପୁଣି ନଖଯନ୍ତ୍ର କରିଲା ନିର୍ମଳ
ଅତି ଯତ୍ନେ ଦେଇ ତାର ସମଗ୍ର କୌଶଳ ।

ପଚ୍ଚରନ୍ତେ ଗାନ୍ଧି ତାରେ "ଦେଖିଛ ଜନନି !
ଏ ଯେଉଁ ଭୂଷଣ-ଭାର କି ଲାଭ ବହନି—

ଦୂଷଣ ଏଥିରେ ତବ !"—ଭାଷଇ ଗଦ୍‌ଗଦ
ନାପିତୁଣୀ ସ୍ନିଗ୍ଧ-କଣ୍ଠେ—"ମୋହର ସଂପଦ

ଚାହିଁଛ ହେ ମହାଭାଗ, ପାଇବ ଭୂଷଣ !
ଏ ସବୁ ଅଣିଛି ମାଟି ତୁମରେ ଦର୍ଶନ

ଭରିବ ବୋଲି ମୁଁ ଅଛି । ବିନା ଭୂଷଣରେ
କେମନ୍ତେ ଆସନ୍ତ ଦେଖି ଦେବତା ତୁମରେ ?

ତା'ପରେ ତା କରେ ଯେବେ ଗୁଞ୍ଜିଲେ ତା ମୂଲ
ଗାନ୍ଧିଙ୍କର ପାର୍ଶ୍ୱଜନେ; ତୁରଛେ ତା ପୂଳ

ଭର ଧୀରେ ଗାନ୍ଧିଙ୍କର ଚରଣକମଳେ
ଜୀବନର ପୁଣ୍ୟ ଯେନ ନାପିତୁଣୀ ଚଳେ ।

Digitized by srujanika@gmail.com

ରବୀନ୍ଦ୍ରନାଥ

କ୍ଷଣିକ-ବିସ୍ମୃତ ବଣିକ ଯୁଗରେ ହେ ସ୍ମରଣ ଏସିଆର
ଶୁଣାଇଛ ତୁମେ ଶିବ, ସନାତନ ସତ୍ୟର ସମାଚାର ।
ତବ ଲେଖନୀରେ ବହୁ ଯୁଗ ପରେ ଫୁଟିଉଠୁଛି ସେହି ବାଣୀ
ଶତଦ୍ରୁ ତଟେ ଋଷି ଓଠ ପୁଟେ ଫୁଟିଥିଲା ଯା' ଉଜାଣି ।
ନବ ଋକ୍-ଋଷି ହେ ବାଣୀ-ବିଳାସୀ, ନବ ଯୁଗ ବୀଣା ସୁରେ
ପୂତ ତପୋବନ ରଚିଗଲ ତୁମେ ମାନବ ମାନସ କୂଳେ ।

ଆନ ଯେତେ କବି ଆଁକନ୍ତି ଛବି ସିନା ଦେଖା-ଜଗତର
ତୁମ୍ଭେ ତ ଆଁକିଛ ହେ କବି ସ୍ରଷ୍ଟା ଅଦେଖା ଅଜ୍ଞାତର,
ପ୍ରାଣୀ-ଜୀବନର ଚରମ ବାହାରେ ମାନବ ଖୋଜୁଛି ଯାହା
ପାଏ ସେ ପରଶେ ଥରେ ଥରେ ଯା'ର କେବଳ ମଧୁର ଛାୟା,
ତୁମେ କବିତାରେ, ଜୀବନେ ଓ ଗାନେ ଦେଲ ମଧୁ ପରିଗ୍ରହ,
ଚିର ରସାତୁର ଧରଣୀରେ ତେଣୁ ଶୁଭେ ତବ ଜୟ ଜୟ ।

ମହାକବି ଅନୁଭବିଛ ତ ଧର୍ମ-ପରଶ ମାନବ ହାତେ
ଦେବତାର ବ୍ୟଥା ଶଠତା-ଦୃପ୍ତ ସଇତାନ ପଦ-ଘାତେ ।
ସେଇ ସେ ନିଠୁର ସମର ଜ୍ୱଳୁଛି ପୁଣି ପଶୁଜନ୍ମ ଧରି
ଦୀନ, ବଳହୀନ ଦଳୁଛି ଧରାରୁ ଲୀନ ହୋଇଗଲା ପରି
ତୁମେ ଥିଲ କବି, ଅଣୁଥିଲ କିନ୍ତୁ ନରେ ଦେବତାର ଆଶା;
କିଏ ତୁମ ପରେ ପୀଡିତ ଧରାରେ କହିବ ମୁକ୍ତି-ଭାଷା ?

Digitized by srujanika@gmail.com

ତଅପୋଇ-ବିଳାପ

ଚଇତ ମା’ ମଙ୍ଗଳା; ଧନୁ ଧନ ବେଳେ, କାନ୍ଦିବ ଅତି
ବରଷ ସରିଲା ଭାଇମାନେ ମୋର ଆସିଲେ କାହିଁ ?
କେତେ ଶ’ବୋଇତ, ଖବର ନ ଆସୁଛି, ଏ ନଈପରେ
ମୋ ଭାଇ-ବୋଇତ ଆସିଲା ନାହିଁ ତ ଭାସି ଏ ଜଳେ ।
କେଉଁ ଦରିଆରେ, କେଉଁ ଘାଟଣାରେ ରହିଲେ ଭାଇ
କି ଦେଶର ଥାନର, କିଛୁ ହେଲେ ମୁଁ ତ ଜାଣିଲି ନାହିଁ ।
କେତେ ପାଟଣାରୁ ବୋଇତ ଆସଇ ଲାଗଇ ଘାଟେ
ଭଉଣୀଏ ଆସି ବନ୍ଦାଇ ନିଅନ୍ତି ଭାଇଙ୍କ ବାଟେ ।
ଗଲାବେଳେ ନନା- ଉନାଙ୍କି ମୁଁ ଚନ୍ଧ ଥିଲି ସରାଗେ
‘ଭାଉଜଙ୍କୁ ଠେଲି ମୁଁ ତୁମ୍ଭଙ୍କୁ ନନା, ବନ୍ଦିବ ଆଗେ’ ।
ଛନି ଜଣ ପାଳ, ଦେଖି ମତେ ହସି ଚାହିଁଲେ ଖାଲି
ବଡ ବୋହୂଆଇ, ଉପରୁ ମାଗିଲା ଫଟାରେ ଡାଲି ।

Digitized by srujanika@gmail.com

ବଡ଼ ନନା ମୋର   ହାତକୁ ଟେକିଲେ   ଯାଚିଲେ ଭୁଜେ
ଲୁହ ଧାର ଧାର   ବହିଲା ମୋ'ସାନ-   ନନାଙ୍କ ମୁଖେ ।
ଉଇଁ ଉଇଁ କାନ୍ଦ,   ବଡ଼ନନା ଭୁଜେ,   ପଡ଼ିଲି ଢଳି
ତିନି ଭଇ ଯାକ   ସୋରୁଥାନ୍ତି ଲୁହ   ଜନନୀ ପଦ ।
ତାଙ୍କ ପାଦଧୋଇ,   ପବିତ୍ର ମୁଁ ଭଲି,-   ଥୋଇ ଏ ହାତ
ଗୁହିଁ ଗୁହିଁ ତାଙ୍କ-   ବୋଲଡ଼ ଛୁଇଁଲ,   ନାହିଁ ଏ ଘାଟ ।
କେ ଜାଣି ଅଣିଛ   ଭଉଣୀ ପାଇଁକି   ମୁକୁତା ହାର
ଢବ ଦ୍ୱିପୁଁ ନୀଳ-   ଶାଢ଼ୀ ଅଣିଅଛି   ଭାଇ କାହାର ।
ମୋ'ର ବଡ଼ଭାଇ   ନାହାଁନ୍ତି ? ମୋରକି   ନାହିଁ ଗୋ ମନ ?
ମନ ମାଣ୍ଡ ଥିଲା   ଦେଖୁଛି ମୁଁ ତାଙ୍କ   ବେଶ-ଭୂଷଣ
ଭଉଣୀଭାଇ ମୋର   ଦେଖିବେ ଭଲେ ଜଣେ ଫେରିଲେ ଦେଶେ ।
ନରେ ଯାଉଛ   ଦିନ ଗୃହ ଥାନ୍ତେ   ମୋହର ବେଶେ ।
ଭୁଲିକି ଯାଉ ସେ   ବସନ-ଭୂଷଣ;   ମାଆ ମଙ୍ଗଳା
ଭଉଣୀ ଯାକ   ସୁଖେ ଗାଲି ଫେର   ଅସନ୍ତୁ ଭଲ ।
ପାଣି ଢାଳି ଭଉ-   ଣୀଙ୍କୁ ଗାଧୋଇ   ଦଅନ୍ତି ହାତେ
ଭଉଜ-ବୋଥଲ   ପାଟ-ପଥା ଥୋଇ   ଦଅନ୍ତି ପାଖେ ।
ଏକାଠି ବସାଇ   ଭଉଣୀଙ୍କୁ ପରଷି   ଦଅନ୍ତି ଭାତ
ସେଇଥିକେ ମୋର   ଜୀବନର ସୁଖ   ସରନ୍ତା ମାତ ।
ହେ ମାଆ ମଙ୍ଗଳା,   କେବେ ମୁଁ ଫୁଟିବ,   କହିଲେ ଆଜ
ଲଗୁନିଥ ମତେ   ଦେଖିବ ତାଙ୍କୁ ଏ   ଜୀବନେ ଥାଉ
ଅଛିବେଳ ନନା,   ନ ଦେଖି ଅଖିରେ,   ମରିବ ଦୁଃଖେ
ମଲେ ଛଟପଟେ   ନନା ତାହା ନାହିଁ-   ଜାଣିବେ ଦୂରେ ।
ନିତ ପାଉ ସୁଖ   ପାଇଁ ତନ ଭାଇ   ଦୁଅନ୍ତି ଛଡ଼ା
ମାଆ ମଙ୍ଗଳା ଲୋ,   ତା ଭାଗ୍ୟେ ପୁଣି ଏ   ମରଣ ଥିଲା ।

Digitized by srujanika@gmail.com

—୨—

ଚଣ୍ଡାଲୁଣୀ ଝିଅଟା, ଲୋଭାଇ ଦେବାକୁ ବାପାଙ୍କୁ ଧରି
ସୁନାର କୁଣ୍ଡଳ ନୂଆ ଗୁନ୍ଥ ମଞ୍ଚ ଉପରେ ଦେଇ ।
ଜାଣି ନ ଥିଲି ମୁଁ ଫଳ ତା'ର ଏତେ— ସଙ୍ଗିନ ହେବ
ସାତ ବରଷର ବାଳିକା ସେ କଥା କାହୁଁ ଜାଣିବ ?
ବ୍ରାହ୍ମଣୀ ନ ପାଞ୍ଚେ, ଲୋଭିଁ ଅଭଣାରେ ଦେଲି ମଞ୍ଚାଇ
ସୁନାର କୁଣ୍ଡଳ ପାଇଁକି ବାପାଙ୍କୁ ଧରିଲି ପାଇ ।
ଚମକିଲେ ବାପା,— 'ଅଲକ୍ଷଣୀ ମଞ୍ଚ କହୁ ନ କଥା
ସୁନାରେ ଲୋଭିଁଟି କୁଣ୍ଡଳ ଦୁଏଟେ କରୁଛୁ ବୃଥା ?
ଲକ୍ଷ୍ମୀ ସାଆନ୍ତାଣୀ ନଜେ କରିଥାନ୍ତି ସୁନାରେ ପଗ୍ର
ତାଙ୍କୁ ଟେଣ୍ଡ ଦୂଜା; ଦେଖିଛୁକି ଘରେ ସୁନାର ଲଳା ?
ଦେବଯାକ ପଛେ ମଁଝ ହେବେ ନାନା ସୁନା-ଭୂଷଣେ
ଲକ୍ଷ୍ମୀ ଗ୍ରସ ହେବେ ବୋଲି ନ ଛୁଅଁ ଲେବେ ଚରଣେ ।
ସେ ସୁନାରେ ପୁଣି କୁଣ୍ଡଳ କର ତୁ ଖେଳିବୁ ଧିଳ
ଲକ୍ଷ୍ମୀଶେଷ ହେବେ; ମାଯ୍ଯାରେ ଯିବ ଏ ସଂପଦ ଢଳ ।'
ପାଣିଲଣ ମନ, ଭାଙ୍ଗିଲି ଏ ଖାଲି, ଭଣ୍ଡିବା ବାଟ
ତନ ଭାଇ ଅଗେ କାନ୍ଦି; ସାନ୍ଧ୍ୟଘର କଟିଲି ସ୍ୱାଟ ।
ବଡ ଦୁଇ ନନା ମିଛରେ ଢ'ପଦ କହିଲେ ସ୍ୱଗି
ସାନ ନନାମୋର ଉପାସ ରହିଲେ ମୋ-ଗୁଣ ଲଗି ।
ବଡ଼ ଗୋଳ ହେଲା, ବୋଉ ଯାଇ, ବାପା— ଆଗେ କହିଲ
ବାପା ନାହିଁ-କରୁ, ବଡ଼ ନନା ବଣି— ପରେ ବୋଇଲ ।
ସାତ ଦିନେ ସୁନା- କୁଣ୍ଡଳ ଧରି ମୁଁ ଖେଳିଲି ମାଟି
ଶେଷରେ ସେ ବ୍ରାହ୍ମଣୀ ପୁଣି ଆସି ଦେଖି— ଗଲା ଉଗ୍ରିଟି ।

Digitized by srujanika@gmail.com

ସୁନାର କୁଳେର   ପଡ଼ିଛି ପଡ଼ିଛି ଘଟର   ଅଧିଳ ଯମା
ବାପା ମଲେ, ମଲା   ବୋଉ; ସେ ମରଣ   କି ନିର୍ମମ ।
ଭାଇମାନେ ଗଲେ   ବିଦେଶ, ଫେରିଲେ   ନାହିଁ ତ ଆଜ
ସେ ଦିନୁ ତ ମୋର   ଉପରେ ପଡ଼ିଛି   ଛଧ'ଚା ଦାଉ ।
ଭାଇମାନେ ଗଲେ   ପ୍ରବାସ, ଭାଉଜେ   ହେଲେ ଦୋଷୀ
ଚଣ୍ଡୀ ହେଲି ବୋଲି   ଭାଇଙ୍କୁ ମୁହିଁ   ହେଲି ଅଗାର ।
କି ଲଭେ ବ୍ରାହ୍ମଣୀ   ସୁନା ଘର ଚୂନା   କଲା ଦଇବ
ବିନା ଦୋଷେ ବାଢ଼ି   ଏତେ ଦଣ୍ଡ-ଭୋଗ   କିଏ ସହିବ ?
ଦୁଃଖୀଜନଙ୍କର   ନୟନର ଲୁହ   ବୃନ୍ଦେ ପଶ
ଦେଖିପାରୁଛ ସେ   କିଛି କିଛି ବଣେ   ମୋ ଲୁହ-ଚଳା ?
ଦେଖି ହେଲେ ମୋର   ମୋର ଲୁହ ଦେଖି   ଘୁଞ୍ଚୁଛ ତ ।
ସେତକ କରୁଣା   ଦିଅ ଦେବତାର   ନାହିଁଟି ପଶ ।
କି ଅବା ମାଗୁଛି ?   କିଛି ମୁଁ ଡାକୁଛି,   ତାଙ୍କୁ ମୁଁ ଡାକ
ଭାଇମାନେ ମୋର,   ଫେରିଲୁ, ଏବଣ-   ଲଭା ମୋ ସାଗୀ ।
ଭଉଣୀଏ ପାଇ-   ଅଛନ୍ତି ସବର-   ଅଠର ଭାଇ
ତିନି ଭାଇ ବୋଲି   ବିଧାତା' ତା' ସହ   ପାରିଲା ନାହିଁ ।
ତିନି ଭାଇ ଯଦି   ନ ହେଲା, ଜଣେକି   ଫେରିଲା ନାହିଁ ?
ଗାଲି ସାନ ନନା   ଫେରିଲେ ମୋ ଦୁଃଖ   ରହିବା ନାହିଁ ?

—୩—

ସାନ-ନନା ଆଜ୍ଞା,   ତମେ ମିଳେ ମୋର,   ଶୁଣୁନା ଡାକ
ଏଇପରି ସତେ,   ଭଇଖାଣ୍ଟ ମତେ   ଘୁଞ୍ଚିଲେ ପାଣ ?
ସକାଳ ପାଇଲେ,   ତିନି ନନା ଯାକୁ   [ତିନି ଜୁହାର-]
ମନେ ମନେ, କରି   ହୁଏ ମୋ' କରମେ,   ମୁହିଁ ବାହାର ।

Digitized by srujanika@gmail.com

ସାନ ନାନା କିନ୍ତୁ ଦାନଯାକ ମୋର, ମନରେ ଥାଅ
ପ୍ରତି ଲହ ଧାର, ସାଥିରେ ତମେ ମୋ ଜୁହାର ପାଅ ।
ଏତେ ମତେ ଭଲ ପାଉଥିଲେ ପରା ଭୁଲିକି ଗଲ
କେତେ ବା ଭଉଣୀ ଶ୍ୱଶୁର ଯାଇ ଅଛ ଘରେ ତମର ?
ବରଷ ପରେ ଯେ ବରଷ ଗଲଣି ଦାନେ କି ଦେଖିଲୁ
ତଅପୋଇ, ମଦନ- ତମର ପଉଲ ନାହିଁତେ ଦେଖିଲେ
ତମ ତଅପୋଇ ଖେଳି ଜଗି ଧନ କାଟେ ଯେ ଗ୍ରାଇ
କେଉଁ ଦୂରେ ଯାଇଁ, ରହିଲ ଏ କଥା ଜାଣିଲ ନାହିଁ ?
ଖେଳ ଧରି ଘରେ, ଫେରିବାରେ ଯାଇ ଉଚ୍ଛର ଦେହଲ
ବଡ଼ ବୋଉ ମନ- ଇଚ୍ଛାରେ ତେନ୍ତୁଳି- ଘଣ୍ଟେ ମାଇଲ ।
କେଉଁ ଖେଳ କେଉଁ- ଦନ ବା ଦିଅଇ ଦେଇ ପିଲାଙ୍କୁ
ଏକା କରି ଦେବ ପିଠି ଅଣ୍ଡ ଖେଳ- ବାନ୍ଧା ପଘାକୁ ।
ମାଇଲେ ପ୍ରଥମେ, ଚୁକୁଫାଟି ଲହ ପଡ଼େ ବାହାର
ବାପା, ନନା, ବୋଉ,-ତାଙ୍କ ଅଗଣାରେ ଘଣ୍ଟେ ବୋବାଳି ।
ଏବେ ସବୁ ସେ ତ ସବୁଦିନ କଥା କାନ୍ଦିବ କେତେ ?
ଛୁଟି ହୋଇ ସହି ଯାଉଛୁ ପଣାରେ ମାଡ଼ିଲେ ଯେତେ ।
ବୋଉ ଦନେମୋତେ ମାରିଥିଲା ବୋଲି, ମୋ ସାନ ନନା
ବୋଉକୁ ମାରିଲା- ଘରୁ ହୋଇ କଣ- ଥିଲେ ଗୋ ମନା ।
ସେ ଖେଲବସର ତଅପୋଇ ଖାଏ ପଧାରେ ମାଡ଼
ଖେଳ ଜଗି ଦଣେ- ଦଣେ ବୁଲିଥା'ର ଭାଙ୍ଗିବ ହାଡ଼ ।
ଖେଠ ଛିପ ଅଜ ଛୁଣ୍ଡ୍ରାଜନା ପିଣ୍ଡ ବୁଲଇ ଦଣେ
ପରର ଅଇଁଠା ପାଇଲେ ସେ ମହା- ପ୍ରସାଦ ମଣେ ।
ନଖାଇ; ଏ ଦେହ ବଢ଼ିଲା ଅଜଙ୍କ ହୋଇଛୁ କିସ
ଅଢ଼ାଟେ ପଳାଏ, ଦେଖିଲେ ମୋ କାଟେ ଶନ୍ଧା ମଣିପ

Digitized by srujanika@gmail.com

ବୋଝର ପୂର୍ଣ୍ଣ- ସ୍ୱର୍ଣ୍ଣୀ ମତେ ଦେଖି ସେ ଦିନ
କାନ୍ଦ ପକାଇଲ, ପୋଛି ପୋଛି ମୋର, ମୁଖ ମଳିନ ।
କାନ୍ଦବାରୁ ମୁହିଁ- କହିଲ 'ହୃଦୟ, ସଖାଳି ମୋର
ଭାଇ ଅସିଗଲେ, ରହିବ କି ଧନ ଏ ଦୁଃଖ ଭୋର ?
କାହିଁାନ୍ତି ମୋ ଭାଇ ? ଏ ମାଅ ମଙ୍ଗଳା ଶୁଣିନା କଥଁ
ଭାଇ ଅସିଗଲେ, କି ଭୋଗ ରହିବ ତୋରେ ଅଦଅ ?
ପାନ ବୋହୁଯାଉ ଦଏ ଦନେ ଦନେ ବାନ୍ଧ ଭାଜନରେ
ସେ ଚୂଡ଼ି·କଣିକା ଦେଇଛି ତୋତେ ମୁଁ ନୟନ-ନୀରେ ।
କବା ଅଛି ଅଉ ଦେଇନାହିଁ ଯାହା ତବେ ମୁଁ କହ
କି ଅଶାରେ ମା'ଡ, ନିର୍ଦ୍ଦୋଷୀ ମୋର ଏ କଷଣ ସହ ?
କଷଣ ସହନ୍ତା ଅସିଲେ ମୋ ଭାଇ ଫେରି ଏ ଦେଶେ
ତାଙ୍କ ପଦ ସେବି ସୁଖୀ ମୁଁ ହୁଅନ୍ତି ହୀନ ଏ ବେଶେ ।
ଫେରି ଅସିପଛେ ଭାଉଜମାନଙ୍କ ମୁହିଁକୁ ଗୃହିଁ
କିଛି ନ କହିବି ସେଥିରେ ମୋହର ଅପତ୍ତି ନାହିଁ ।
ଫେରି ସେ ଅସନ୍ତୁ ଦେବୀ ମାଅ ମଙ୍ଗଳା ଏତିକି କର
ସାଧବ ଝିଅ ମୁଁ ଖୁଦ ପୂଜା ଅଣି ମାଗୁଛି ବର ।

Digitized by srujanika@gmail.com

ବୋଇତ-ବନ୍ଦାଣ

ପ୍ରଭାତେ କନକ-ରଶ୍ମି ତରୁଣ ରବିର
ବୃକ୍ଷଶିରେ ଗ୍ରାମ-ଗୃହେ ଜ୍ୟୋତିର ଅମ୍ବର
ବୁଣି ଦେଲା କ୍ଷଣକରେ । ମୁଗ୍ଧ ଗ୍ରାମବାସୀ
ଜମା ହେଲେ ନଦୀତୀରେ ଦଳେ ଦଳେ ଆସି
ବୋଇତ ଦେଖିବା ପାଇଁ । ଦୁଇବର୍ଷ ପରେ
ସାଧବର ପୁତ୍ର ଧନ ଫେରିଛନ୍ତି ଘରେ,
କେବା ଆଣିଛନ୍ତି ଦୂରୁ, ସାଗର ସେ ପାରୁ
ଲଙ୍କାପାଏ ରାଜପୁତ୍ର ଆସିଛନ୍ତି ସେ ଅଜ୍ଞ
ଏ ଦେଶ ଦେଖିବା ଲାଗି । ନାନା କଥା ଶୁଣି,
ନାନା କଥା ସୃଷ୍ଟିଶୀଳ କଳ୍ପନାରୁ ବୁଣି
ଆସୁଛନ୍ତି ପଲ୍ଲୀଜନେ ମାଢ଼ ନଦୀ ତୀରେ
ବୋଇତ ଦେଖିବା ଲାଗି । ଖେଳିଲେ ଉର୍ମି ଧୀରେ

Digitized by srujanika@gmail.com

କେହୁ ଗାଏର, କେହୁ ନାଚେ, କେହୁ ହିଁଡେ ବୁଲେ
ଘନଚ୍ଛାୟା ବୃକ୍ଷ ତଳେ । ଗ୍ରାମ ପ୍ରୌଢ଼ ଦଳେ
ଶୀର ଗୁଢ଼ ଦୋଳନରେ ଗଲେ ପଶି ବଳେ
ଡାକି ଡାକି ଉଚ୍ଚସ୍ୱରେ ସାଧର ପୁଅରେ
ଗୁରୁଜନ ଖେଳ ଧର; ଟୋକାଏ ଉଷ୍ଠାତେ
ଦୌଡ଼ୁହଲେ ପତ୍ରଧର ପର୍ଣ୍ଣ, ଭାଙ୍ଗ·ହାତେ
ନିବାରିଲେ ନଦୀକୂଳେ, କ୍ରୋଧ ହେଲେ କନ୍ଥ;
କହୁଲେ—'ଏ ଯୁଗ ଶାଳ କୁଳାଙ୍ଗାର ଛି ଛି !
କଥା କି ମାନନ୍ତି ଆଜ ? ଶଶିଲେ ଅସ୍ବର ?
ଅମ ତିଳ ଦଳେ ସ୍ୱପ୍ନ ଥିଲ ଏ ବେଭାର !"

ବଙ୍କଗତ ଗ୍ରାମପଥେ ବୃକ୍ଷ ଅନ୍ତରାଳ୍
ଶୁଭିଲା ଏକାଳେ ଦୁଲଦୁଲି ଧ୍ୱନି ଗୁରୁ
ଗ୍ରାମ ସୀମନ୍ତିନୀ କଣ୍ଠୁ । କ୍ରମେ ସେଥୁ ପଥେ
ଚାହାଁଇଲେ ସୁନ୍ଦରୀଏ ଧରି ଏକ ହସ୍ତେ
ସୁରଭିତ ନିରଞ୍ଜନା, ଅନ୍ୟ ହସ୍ତେ ଧରି
ନବ ସୂର୍ଯ୍ୟ, ଶୁଭ ବନ୍ଦାପନା ଦ୍ରବ୍ୟ ଭରି ।
ମୁଖ ତାଙ୍କ ନତ ଲାଜେ, କେଶ ସମାଗମେ
ପଦ୍ମ ସେ କି ପ୍ରଦୋଷରେ ତାରକା-ଆଗମେ !
ଅବଶ ଚରଣ ତାଙ୍କ, ବାଲୁକାରେ ମିଶେ
ଅଳକ୍ତ ରଞ୍ଜିତ ନଖ ପନ୍ତ ନାହିଁ ଦିଶେ—
ତାର ସେ ଲୁଚନ୍ତି କିବା ବୃଷ୍ଟି ଘନତଳେ
କୁସୁମ ସେ ଲୁପ୍ତ କିବା ପଲ୍ଲବ-ଗହ୍ୱଳେ !
ନତମୁଖୀ ସେ ବାମାଏ କିନ୍ତୁ ପରସ୍ପରେ
ସ୍ନେହବଜ ଗୁଞ୍ଜରତ ଗଲେ କ୍ଷୀଣ ସ୍ୱରେ

Digitized by srujanika@gmail.com

ଚେଉଁଡାଣି ର କଥା ଧରି । ନାଡ଼ିକ୍ରୁଣୀ ଡାକ ।
କହୁଲ ପଛରୁ ଜଣେ, "ବେଳପଛୁ ଶବ
ଶୁଣୁଛ ଗପୁଛ ମଠେ ? ଅସନା ତ୍ରିବଟେ
ସାଧବ ସାଅନ୍ତେ ମୋର, ସଗି ବେଣୀ ଖଟେ;
ବନ୍ଧାପନା ସରିଲେ ତ ଅସିବେ ସେ ଘରେ ?
ସ୍ନାନ-ବିଧି ହେବ ପୂର୍ଣ୍ଣ—ଅସ୍ତନା ଚଞ୍ଚଲେ..."
'ଶୁଣ', 'ଶୁଣ' କହୁ ସବ ସୀମନ୍ତିନୀ କୁଳ
ଚଞ୍ଚଳ କଲେ ଗତି । ବାଲୁକା ବ୍ୟାକୁଳ
ସେ ପଥେ ଭୂଷଣ-ଗୁରୁ ପଦ ବାମାଙ୍କର
ଗତି ହୁଏ ବଲେ ମନ୍ଦ । ଶ୍ରମାଇ ପସ୍ୱର,
ଝପୁଛାଇ ସ୍ୱେଦ-ମୁକ୍ତା ଶ୍ରମେ ଗଣ୍ଡ-ସ୍ଥଳେ
କମେ ବାମା ଉପସ୍ଥିତ ପୋତ ସମୀପରେ ।
ବହୁବସ୍ତୁପିଣୀ କେହୁ କହୁଲ ଅଗେଇ
'ଭରଲେ ବନ୍ଦନା ବେଗେ ।' ଜନତାରେ ସ୍ପୃହି
ନବସୀମନ୍ତିନୀ ଗଣ ଗୁରୁ ସରମରେ
ଚେଷ୍ଟା ନ ପାରଲେ ହସ୍ତ—ଜାଣି ନାଚିଛରେ
ସଟେକେଳ ବୃଦ୍ଧା ଏକ—ସେ ତହୁଁ ଶିହାର
ହୁରସ୍ଥ ଭଙ୍ଗଲ ଲବ୍ଧ ଜନତାରେ ଠାରି ।
ଛତୁଁ ଏକ ନାସ୍ତି କଡେ 'ଭରଲେ ବନ୍ଦନା'...
ଅନ ଥାଇ ପାଖ-ଜଣେ କହୁଛୁ 'ଦେଖନା'
ଠିଅ କର୍ଣ୍ଣ ! ଭର ବେଗେ'—ଠିକ୍ ସେଇପରି
ଏକ ଅନେ ଡଅଁଲେ । ତହୁଁ କ୍ରୋଧ ଭର
ଛଣ୍ଟେଇ ସ୍ୱାମୀନୀ ଉଠି କହିଲେ ଶିହାର,
"ଅସ୍ଥ ଏ ଟୋକିଏ ସତେ ! ଘରୁ ଲେ ବାହାର

Digitized by srujanika@gmail.com

ହେଲ ବର୍ଷା ଲଗ୍ନ ଯଦ ଏତେ ମାଡୁଥାଇ ?
ବନ୍ଦାଅ ଲୋ”—ବୋଲି ସର୍ବେ ଲଗିଲେ ବନ୍ଦାଇ ।

ପ୍ରାରମ୍ଭ ଗାନ

ପ୍ରଥମା

ସାଧବ ଘର ବୋଇତ
ଦୂର ଦେଶୁଁ ଆଣେ ଲକ୍ଷ୍ମୀ ବହୁତ ଗୋ,
ମଣିରତନ ନୂଦେ ବଥିତ, ସଜନୀ ଗୋ ।

ଦ୍ୱିତୀୟା

ବୋଇତ ଏ ସାଧବର
ଦେଖି ଅଛେ କେତେ ଦେଶ ନଗର ଗୋ,
କ୍ଷିପି ଅସଇ ଚାରି ସାଗର ସଜନୀ ଗୋ ।

ତୃତୀୟା

କେତେ ପୋତ ଜଳେ ଭାସେ
ସାଧବ ପୋତ ସରିକି ନ ଆସେ ଗୋ,
ରାଜହଂସ ସମ ସରଭାଗେ ସଜନୀ ଗୋ ।

ପ୍ରଥମା

ଅସ ଗୋ ବନ୍ଦାଇ ନବା
ବୋଇତ-ରାଣୀ କି ନେଇ ପୂଜିବା ଗୋ ?
ତାଙ୍କ ପଦ-ତଳ ଶିରେ ଦବା, ସଜନୀ ଗୋ ।

Digitized by srujanika@gmail.com

ଦ୍ୱିତୀୟା

ରଣପୁରେ ମୋର ଘର
ସିନ୍ଧୁବୃକ୍ଷ କୂଳେ ମୋର ନଗର ଗୋ
ମତେ ବତାଅ ଏ ଉପଗ୍ରହ, ସଜନୀ ଗୋ ।

ତୃତୀୟା

ମୋ ଘର ରାଣପୁରରେ
ଯୋଉ ଠ ମାଳ ଶଳଖା ଜଳରେ ଗୋ,
ମୋତେ ଅଣ କର ବନ୍ଧାଣରେ, ସଜନୀ ଗୋ ।

ପ୍ରଥମା

ମୁଁ ତ ଢେଙ୍କାଳ ନାରୀ
ଯୋତେ ଧଳା ଉଡ଼ୁଁ ବାହ୍ୟ-ଡାଳ, ଗୋ
ମୁଁ କି ବନ୍ଧାଣରେ ଯିବ ହାର, ସଜନୀ ଗୋ ।

ପ୍ରଥମା

ବନ୍ଦନା କର ଲେଖ ଏବେ······

ସମସ୍ତେ

[ଶଙ୍କରାଭରଣ]

ଜୟ ଗୋ ଦୋଭକ-ରାଣୀ ସ୍ୱଚ୍ଛଳ-ସୁନ୍ଦରୀ
ଅମ୍ଭ ଲାଗି ଆଣ ଧନ ତାହୁଁ ଗର୍ବେ ଭର
ପୂର୍ଣ୍ଣ କର ଗନ୍ତା ଘର
ତୁମ୍ଭ ଲାଗି ପୁଣ ଉଠେ ଭବନ ଅମ୍ବର ।

Digitized by srujanika@gmail.com

ହେମନ୍ତେ ବଦାନ୍ୟ ହେଇ, ତଟେ ନଦୀ ଜଳେ
ତୋର ଫେରିବାକୁ ଗୃହିଁ ଥାଉ ସନ୍ତତରେ
ଅଷାଢ଼ରେ ତୋ ଆସିବା
ଘରେ ଯେସନ୍ତେ ଗୃହ ବଧୂ ପ୍ରବେଶ ସେ କିବା ।

ଯେନି ଯାଇ ପ୍ରିୟ-ଜନେ ଦୂର ସେ ପ୍ରବାସେ
ଅପେ କୁଳ ବଧୂ ଗୃହିଁ ଥାଉ ତୋର ଅଶେ,
ପୁଣି ଯେନି ପ୍ରିୟଜନ
ତୋ ଫେରିବା ଅନ୍ୟ ଶତେ ଆନନ୍ଦ-କାରଣ ।

ସୁଖରେ ଯେସନ୍ତ ଥିବୁ ପ୍ରିୟଙ୍କ ଆମ୍ଭର
କୁକର୍ମେ ଯେ ହେବୁ ଦେବୀ କାରଣ ତାଙ୍କର
ଦୂର ଦେଶେ ପରବାସେ
ଚିନ୍ତା ତାଙ୍କ ନ ଯାଏ ଯେପରି ଅନ ଆଶେ ।

ତୁମ୍ଭେ ଲକ୍ଷ୍ମୀ, ତୁମ୍ଭେ ଦେବୀ, ତୁମ୍ଭେ ତ ସକଳ
ତୁମ୍ଭ ଯୋଗୁଁ ଏ ବେଶ-ଭୂଷଣ ଏ ଦେହର
ତୁମ୍ଭ ଯୋଗୁଁ ଗୃହ ସୁଖ
ତୁମ୍ଭ ଯୋଗୁଁ ପୂରେ ପୁଷ୍ଟେ ଜୀବନ-ମୟୂଖ ।

ସଦା ତୁମ୍ଭ ସିନ୍ଧୁ-ଯାତ୍ରା ହେଉ ଜୟ-ଶୀଳ
ତୁମ୍ଭ ଖଡ଼୍‌ଗେ ଛିନ୍ନ ହେଉ କ୍ରୂର ଶତ୍ରୁ-ଶିର
ସିନ୍ଧୁ ବକ୍ଷ ସଦା ଚିର
ଦେଶରେ ବଙ୍ଗୀଅ ଆଣି ଘଟର ଘରେ ଶ୍ରୀ ।

Digitized by srujanika@gmail.com

ଅମ୍ଭର ବନ୍ଦନା ଘେନ ଅଗୋ ସିନ୍ଧୁରାଣୀ
ଚନ୍ଦନେ ପୁଷ୍ପ ଧର ଦୂରଦେଶୁ ଆଣି
ଅମ୍ଭ ହୃଦୟେ ଥାଉଥିବ,
ଜନନୀ ସମାନ ସଦା ଚାହୁଁଥିବ ଶିବ ।

ବନ୍ଦାପନା ହେଲ ଶେଷ । ସର୍ବ ସୀମନ୍ତିନୀ
ବୋଲଇଲେ ପଶିଲେ ଧୀରେ ଚଳାଇ ରଙ୍ଗିଣୀ
ବନ୍ଧୁଙ୍କ ସଲଦେ ମଣ୍ଡପ, ଦେଖିବାକୁ ତହୁଁ
ସାଧବ ପୁଅରେ ପୁଣି, ଦୀନା ତଅପୋଇ ।

Digitized by srujanika@gmail.com

ନଷ୍ଟ-ପଲ୍ଲୀ

[୧୯୬୭ ର ସାଇକ୍ଲୋନ୍ ପରେ ଲିଖିତ]

ଶିଶୁ ଖେଳା କରୁଥିଲେ ଦାଣ୍ଡେ
ମଲ୍ଲ ଦଳ ପାଇକ-ଅଖଡ଼ା,
ନିଜ ନିଜ ଫସାରଣି ଲାଗି
କରୁଥିଲେ ନାଟ୍ଏ ଝଗଡ଼ା ।
ମାଟି ସଙ୍ଗେ ଲଢ଼ି ଧନସ୍ୱତ,

ଖସ ପାଣି, ସମ୍ବାଳ ପିଟିରେ
ଚଷା ଦଳ ବାନ୍ଧୁଥିଲେ କ୍ଷେତ,
ରହିବାକୁ ଜୀଇଁ ଏ ମାଟିରେ

Digitized by srujanika@gmail.com

ନୂଆ ରୋଡୁ ଆସୁଥିଲେ ଗ୍ରାମେ,
ଗାଆଁ-ଝିଅ ଯାଉଥିଲେ ଦୂରେ
ଢେଙ୍କାଳିରେ; ଗୀତେ, ·ଭାଗବତେ,
ପ୍ରାଣ ବାଜୁଥିଲା ନାନା ସୁରେ ।

ଏପରି ସେ ଶ୍ରେଷ୍ଠ ଏକ ପକ୍ଷୀ
ସୁଖେ ଦୁଖେ ନେଉଥିଲା ଭାଗ
ସାଇକ୍ଲୋନ ଦୟାମୟଙ୍କର
କଲା ତାକୁ ନଷ୍ଟ, ଛାରଖାର
ମାଟି ସାଥେ କରି ଏକାକାର

ସାଆନ୍ତାଣୀ କୁଟୀର ବାସିନୀ,
ମଣ୍ଡ ଅନ୍ନ ସାଗ ଟୋକେ ଖୋଜେ;
କୁନିସ୍ୱାଦ ପତାଉଛି ହାତ
ଦୀନ, ଧନୀ ଏକାକାର ଶୋକେ ।

ଜୟ ହେଉ ପରମପୁରୁଷଙ୍କର,
ଯାଙ୍କ ସୃଷ୍ଟି-ରଥ-ଚକ୍ର ତଳେ
ଧ୍ୱଂସ ହେଉ ଦରିଦ୍ର ସଂସାର
କଷ୍ଟ ଯାହା ଦେଖୁ ଆଖି ଜଳେ ।

ବୁଲେ କଷ୍ଟ ନଗରେ ନଗରେ
ବୁଝେ ତାର ବନ୍ଧୁ କଥା ଷଠ
ପକ୍ଷୀ-ବସା ଘର ତା ଗ୍ରାମଟି,
ନିଷ୍ଠୁର ସେ କେବଳ ଜନସ୍ତ ।

Digitized by srujanika@gmail.com

ଅନୂଢ଼ା

(ଆମ ଗ୍ରାମର 'କାଞ୍ଚନ ଅପା' ଯୌବନରେ ଦୁର୍ଦ୍ଧର୍ଷ ଡାକୁରେ କବଳରେ ଯାଇ ଥିବାରୁ ସମାଜପରିତ୍ୟକ୍ତା ହୋଇଥିଲେ । ସେ ବିବାହ କରି ନାହାନ୍ତି । ଅବିବାହିତା ରହି ବର୍ତ୍ତମାନ ବୃଦ୍ଧା ହେଲେଣି । ତାଙ୍କୁ ନେଇ ଏ କବିତାଟି ଲିଖିତ ।) †

ଯୌବନର ସ୍ୱର୍ଣ୍ଣରେଖା, ମୁଖେ ତବ
କେବେ କି ଅଙ୍କିଲେ !
ଜୀବନ୍ତ-କବିତା ସମ ସଙ୍ଗରେ
ନ ଥିଲ ଗୋ ପ୍ରୀତି ?

---

† କାଞ୍ଚନ ଅପା ଆଜି ଇହଧାମରେ ନାହାନ୍ତି ।

ଜରା-ଜର୍ଜରିତ ଏହୁ ଜ୍ୟୋତିହୀନ
କପୋଳ-ଯୁଗଳେ
ଜନ୍ମରୁ କି ଲଜ୍ଜାରକ୍ତ ସଗ ରେଖା
ଯାଉଥିଲା ଫୁଟି ?

ମସ୍ତକର ଏ ଚୟ ଶୁକ୍ଳ, ଶିଖା-ହୀନ
ରୁକ୍ଷ କେଶରାଜି
କେବେ କି ଗୋ ଚରମର ପ୍ରାନ୍ତଦେଶେ
ସ୍ୱଚ୍ଛ ଊର୍ମି-ମାଳା
ଦର୍ପିତା ନାଗିଣୀ ସମ ଉଚ୍ଛ ଲଚ୍ଛ
ଗୁଚ୍ଛ ନାହିଁ ଭଙ୍ଗ
ଯୌବନ-ଶୋଭାରେ ନବ ସ୍ୱପ୍ନ ସମ
ତରଳା ଚପଳା !

କେବେ କି ଗୋ ସ୍ନାନଘାଟୁ ଫେରି ଆସି
ମୁକୁରେ ନିରେଖି
ମୁଗ୍ଧ ହୋଇ ରହୁଁ ନାହିଁ କ୍ଷଣେ ଦେଖିଲେ
ନିଜର ଯୌବନେ ?
ଗ୍ରାମ-ବଧୂ କୂଳ-ମାଝେ ସୀମନ୍ତର
ସୂକ୍ଷ୍ମ ଶୋଭା ଦେଖି
ନିଜର ସୀମନ୍ତିନୀ ଗର୍ବେ ନାହିଁ
ବରଲେ ପଡନେ ?

ସନ୍ଧ୍ୟାର ଉଜ୍ଜ୍ୱଳ୍ୟ ଛାଣି ନିଶା ଯେବେ
ଆସୁଥିବ ନାଥ ?

Digitized by srujanika@gmail.com

ଗ୍ରାମର ଦମ୍ପତି ସବୁ ବୃଦ୍ଧ ଥିବେ
ପ୍ରଣୟ-ସାଗରେ,
ସେ ରସର ତୀବ୍ର ଗନ୍ଧେ ପ୍ରାଣ ଘାର,
ଜୀବନେ ଧିକ୍‌କାର
ବୁକୁର ବେଦନା ଧ୍ୱନି, ବନ୍ଦନା କି
ତା ଅଗରେ ଥରେ

କି କଷଣ ! କି ବ୍ୟଥା ସେ ! ବୁକୁଛିଣ୍ଡା
କି ଯାତନା ସେ ଯେ !
କେମନ୍ତେ ସହିଲ ବାଳା ତାପସୀର
ସଂଯମ ଅଟଳ,
ବସନ୍ତର ବଂଶୀ-ଡାକ ନ ଶୁଣିଲ,
ଶେଷ ଭ ନିଶା-ଶେଷେ
ତରୁଣୀର ନିଶା-ସ୍ୱପ୍ନ ଭୁଲିଗଲ
କ୍ଷୁଦ୍ର ଶିଶୁ ପରି !

ଗ୍ରାମର ଭଗିନୀଦଳ ଏବେ ଏବେ
ଯାଇଥିବେ ଭୁଲି
ଆଜ ଧାର ପାଦତଳେ ଢାଳିବାକୁ
ଜୀବନ-ଯୌବନ !
ରହୁଁଥିବ ତାଙ୍କ ପଥ ଅଶ୍ରୁଧାରେ
କପୋଳ ପଖାଳି;
ତୁଚ୍ଛ ଶବ ବାନ୍ଧଥିବ ଅବନୀତ
ତୁମର ଯୌବନ !

Digitized by srujanika@gmail.com

ଉତ୍ସବେ ଗ୍ରାମର ଯେତେ ବଧୂ, କନ୍ୟା
ଗୃହିଣୀ, ଜନନୀ
ତନୟ-ତନୟା ମାଥେ ଢାଳିଥିବେ
ପ୍ରାଣର ଆଶିଷ,
ଅସନ୍ତାନା ତୁମେ ଯେବେ ମାଗିନା କି
ଅଧାତାରେ ଧନ !
ଭୋଳ-ମଣି ବଦଳରେ ସର୍ବନାଶୀ
ପଡାଇ ଭୂଲିଣ !

ଆଜ ନାରୀ, ବୃଦ୍ଧା ତୁମେ, ସକ୍ବକେଶ,
ଶ୍ଲଥ ଦେହ-ଲତା,
ଶୈଶବ-ଯୌବନ ତବ ଦୂରେ ତ୍ୟକ୍ତ
ଜୀବନର ପଥେ,
ଯୌବନ ଦେଇନି ଶକ୍ତି ପଦେ ତବ
ବଧୂର ଅଳତା,
ମାତା ହୋଇ ନାହିଁ କେବେ ପାଳିବାକୁ •
ସନ୍ତାନେ ଯତନେ ।

ଚତୁର୍ଥ ବୟସେ ଆଜି କାହା ପାଇଁ
ବଞ୍ଚିଛ ଜନନୀ,
କାହାଲାଗି ଦିନେ ଦିନେ ଗଣୁ ପଣ
ଖୋଜି ବୁଲ ନିତ,
କି ସମ୍ବନ୍ଧ ଅଛୁ ଥାଇ ତୁମ ସଙ୍ଗେ
ଏ ପ୍ରିୟ ଧରଣୀ,

Digitized by srujanika@gmail.com

କେଉଁ ସ୍ୱବେ ତୁମ ସଙ୍ଗେ ଜୀବନର
ଅଙ୍କ ଏତେ ପ୍ରୀତ ?
ଜୀବନ ଲଗିଥୁଁ ଖାଲି ଜୀବନଟି
ଯାଚିଲ ଅବଳା,
ଅକୂଳରେ ଫୁଲ ପୁଣି ଶୁଖିଗଲା
ପ୍ରୀତିର ଝରଣା,
ଶୂନ୍ୟମନେ ଆଣ ମାଆ, ବଢ଼ ଏବେ
ମରଣ ଶାଂଖୋଳା
ସୁଖେ ପୁଣି ଭୁଲିଯାଅ ଧରଣୀରେ
ଜୀବନ ଯାପନା ।

Digitized by srujanika@gmail.com

କଣ୍ଟ କାଚ

—୧—

ପ୍ରଥମେ ଯେବେ କଲେଜ ଧରିବାକୁ
ଆସିଲି କଟକ
କହିଲା ଅପା ହାତରୁ ଭାର କାଢ଼ି
'ନଏ ଏ ଘଟକ' ।

କହିଲି ମୁହିଁ 'ଏ କିସ ନୂଆ କଥା,
ଦେଉଛୁ କାହିଁ ମତେ
କଲେଜ ଯିବ ସାଥିରେ ନେଇ ପୁଣି
ମାଇଲି ଭାର ଘଟେ ?

Digitized by srujanika@gmail.com

କହୁବେ ପିଲେ ଗାଣ୍ଠିଲିଟାଏ ପଗ
ଆସିଛୁ ଗଢିବାକୁ;
ଟିକେ ମୋର ଯିବ ସେ ଭଦ୍ରତା,
ଦେଖିବେ ଯଦ ସ୍କୁଲୁ ।'

କହିଲ ଅପା—"କିଏ ବା କାହିଁ କହ
ଦେଖିବ ମୋର ଭାବ
ଲଗାଇ ସ୍କୁଲ କହିବୁ କରେ ତୁହ
ଟିକିଏ ଅଟେ ନାହିଁ ।
ଟ୍ରେନରେ କ ଯାଇବୁ ନାହିଁ ତୁହ
ସ୍କୁଲରେ ଲଗ୍ଗଇ
ଯାଇଥିଲୁ ଏତେ ଖଦ୍ୟା କହିଁ କହ
ଏ ଟିକ ବୁଦ୍ଧି ନାହିଁ ।"

ନିଜର ଯହିଁ ବୁଦ୍ଧି ନାହିଁ ଦେଲ
ଲଟିଲ ମନେ ଗ୍ରସ
କହିଲ ଠାଣେ, 'ଭାଟ୍ଟି ଦେବୁ କହିଁ
ସେ କଥା କହ ଅଗ ।'

କହିଲ ଅପା—'ମୂଳରୁ ତୁ ତ ନାହିଁ—
କହୁଛୁ ଏବା ନାହିଁ—
କେମିତି ଛତେ କହୁବ କଳ ଭାଟ
ଦେଉଛୁ କାହିଁ ପାଇଁ ?"

Digitized by srujanika@gmail.com

କୋମଳ ଭାବ ବଚନ ଚନ୍ଦ୍ରଂ ଅଧା
କୋମଳତର କର ।
କହୁଲ ରାବ ହାତର କାଚ କଁଣା
କଟକ ଯିବ ଚଳି ।

କହୁଲ ଅପା-"କଟକ ଯିବୁ ସବ
କବବୁ ରେଳଗାର
ମୋ ପାଇଁ କଣ୍ଢ ଆଣିବୁ ନାହିଁ କିରେ
କଟକୀ ପଇବାର ?

କେତେ ସେ କଥା ଜାଣନ୍ତି ମୁହିଁ ଶୁଣେ
କଟକୀ ମାଇକିନା
ସହୁର ଘରେ ରୁପାର ଦରପଣ
ରୁପାର ତେଲ ଟିନା ।

ସହୁର ହାତେ ରୁଣୁ ଝୁଣୁ ରୁଣୁ
ଦୋଳଇ ସୁନା କାଚ
ବଙ୍ଗାଳୁଣୀ ଫେସନ ପସ୍ତ ସବୁ
ବଙ୍ଗାଳୁଣୀ ଢାଂଟ ?

ଦେଖିବୁ ତୁ ତ କହୁବ କସ ମୁହିଁ
ଗାଆଁରେ ଥିବା ଜନ
ଗୋଟିଏ କଥା ଜହୁଲୁ ଖାଲି ମୁଁ ତେବ
ରଖିବୁ ମୋର ମନ—

Digitized by srujanika@gmail.com

କଣ୍ଟ ଭାତ ଦେଲ୍ ମୁଁ ତତେ ଏହୁ
ହାତରୁ ମୋର କାଢ଼ି
ଧ ଧ ପଞ୍ଚ ସୁନାର ଭାତ ଦେଖି
ଅଣିବୁ ପଞ୍ଚ ଭୁବ ।”

କହୁଲ ଅପା ହୃଦୟ କଥା ତାର
ଏକଇ ନିଶ୍ବାସେ
ଥିଉଛି ହୋଉ ଶୁଣିଲ ଭାଇ ମନେ—
ହସି ତା ବିଶ୍ବାସେ ।

ଶଦ୍ଧ୍ୟା ଛଡ଼ା କଟକ କଲେଜରେ
ନାହିଁ ଯେ ରୋଜଗାର
ସେ କଥା ତାରେ କହୁ ନ ଭାଙ୍ଗିଲି
ସ୍ବର୍ଣ୍ଣ-ଅଣା ଭାଉ ।

ନିଜର ପୁଣି ବହୁବ ଗଜରଦ
ତାଧାର ଅଖି ଅଗେ
‘ଅଚ୍ଛା ଅଣ୍, ଦେଖିବ’ ବୋଲି ଭାତ
ଧଇଲି ଅନୁରାଗେ ।

— ୨ —

କାଣିବ କିଏଁ ସରଳା ଅପା ମୋର
କଲେଜ୍-ପଢ଼ା କିସ ?
ଖାଇବାଠାରୁ ଖେଳିବା ଯାଏ ସବୁ
କଥାରେ ସଢ଼େ ପିସ ।

Digitized by srujanika@gmail.com

ତା ପରେ ଅଛୁ କଟକ ନଗର ତ,
ପଇସା ନିଏ ଟାଣି ।
ପୀରତ ସାଥି ଅଛୁ ତ ଅଧୁରୁ ଯେ
ଭଣିବା ମନ ଜାଣି ।

ସର୍କାରଙ୍କ ବୃତ୍ତିକ ମିଶାଇ
ଟଙ୍କା ଅଣ୍ଟେ ନାହିଁ ।
ସୁନାର ଭାତ କିଣିବ କେଉଁଠୁ କହ
ପ୍ରାଣର ଅପା ପାଇଁ ?

କଟକ ସହେ ସ୍ୱର୍ଣ୍ଣ କଣାଇବା
ଦେଖଇ ଅଖି ଲଡ
ଅପାର କଥା ପଡ଼ଇ ମନେ ମୋର
ବସଣ ଛୁଏ ପେଟି ।

—ସ—

ଗ୍ରୀଷ୍ମ ଛୁଟି—ଘରକୁ ଗଲ୍ ଫେର
ଅପାର ବଡ଼ ସୁଖ
ଦେଖିଲେ ମୋର ଚନ୍ଦ୍ରମୁଖ ପୁଣି
ପାଶୋରେ ସେତୁ ଦୁଃଖ ।

ଖାଇଲା ବେଳେ ବଢ଼ଣା ଧରି ଅପା
କହଲା ଧୀରେ ଧୀରେ—
'କହୁଥିଲ ଯା ଗଲାବେଳେ ମୁଁ ତତେ
ମନରେ ଥିଲାଟି ରେ ?'

Digitized by srujanika@gmail.com

ମୁହିଁକୁ ଯୋଉ ସବମେ ଅନ୍ଧ-ଥାଳେ
କହୁଲ ସ୍ୱନ ସ୍ୱର,
“ଟଙ୍କା ପଗ୍ର ପାଇଲ ନାହିଁ ମତେ
ଦାଚ ମୁଁ ଅଣି ନାହିଁ ।”

ଭୁଗିଲନ ଭରସା ତେବେ ହେଲେ
ସାନ ଏ ସ୍ୱର ପରେ
କହୁଲ, “ତେବେ ଅଣିବୁ ଭୁରେ କରେ
ଅପ୍ସିଲେ ଅଙ୍କ ଥରେ ।”

—୪—

ବର୍ଷକରେ ଦଶହରା ଛୁଟି ହେଲା
ଗଲି ମୁଁ ଭଳା ଥର
ହେଲା ଯେ ନାହିଁ ଭଳକ-ଭାଗ ଭଣା
ଏ ଶର ଦରିଦ୍ରର ।

ଭଳା ଥରରେ ବୁଝିଲି ସବୁ ଏପା
ମୋହର ଦରିଦ୍ରତା
ଘୃବ ଥରକୁ କହୁଲ ନାହିଁ ଅଭ
ଭନକ ଭାଚ କଥା

ତା'ପରେ ଏବେ ଗଲଣି ବହୁ ଧୀରେ
ବରଷ ଗୋଟି ଗୃହ
ଝିଦାସ୍ତୁ ମତେ ଦେଲି ସେ ଢେଉ ଥଢ
ନାସ୍ତୁନୁ ଲିହ୍ୱ ଢାଲି

Digitized by srujanika@gmail.com

କେବେ ସେ ମତେ କହୁଛ ନାହିଁ ଆଜ
କନକ-କାଚ କଥା
ରହୁଛ ତୁନ ମରମେ ଜାଣି ଅଣା
ମୋହର ଦରିଦ୍ରତା ।

—॥—

କଲେଜ ଗୁଣ୍ଡ ଯିବାର ବେଳ ଏବେ
ଜୀବନ-ସ୍ୱପ୍ନ ପାଇଁ
ବିଦ୍ୟାବଳେ ପାଇବ ଯଶ କାହିଁ
ଦାରିଦ୍ର୍ୟ ଘୁଞ୍ଚାଇ ।

ସଜାଡ଼ ମୋର ଟ୍ରଙ୍କ୍ ଲୁଗାପଟା
ପଡ଼ଲା ଅଖି ଆଗେ
‘କଣ୍ଠ-ହାର’—ଦେଇଥିଲ ଯା’ ଅଗ୍ରା
ସେଦିନ ଅନୁରାଗେ ।

ଦରିଦ୍ର ମୁଁ ଧରିଲି କାଚ ଗୋଟି
ବାକ୍ସ ତଳୁ ତୋଳି
ନୟନ-ଜଳ ଅଙ୍ଗେ ତା’ର ଢାଳି
ବକ୍ଷେ ଦେଲି ବୋଲି ।

ଜୀବନେ ତା’ର ଗୋଟିଏ ଅନୁରୋଧ
ରଖିଲି ନାହିଁ ପାଇ
ଅଧମ ମତେ କହିଁ ଦିଏ ସେ ଗୋ
ସେଦିନେହୁ ତାର ଭାଲି ?

Digitized by srujanika@gmail.com

ଷକ୍ତଧାରେ ପରଶ ଗଲା ପୁରି
ଭାବିଲି ମନେ ମନେ
କଳ୍ପନା କି ଏଥୁ ଗୋ ବଳିଥାଏ
ଦରିଦ୍ର ଜୀବନେ ?

Digitized by srujanika@gmail.com

※ ବନ୍ଧୁ ବିୟୋଗ

ଭୁଲିଥିଲି କି ହେ ବନ୍ଧୁ, ମରଣ ଶୟନେ
କେମନ୍ତେ କଟିଲଣି କଣ୍ଠେ ଧରି ହାତେ ହାତ
ଭିଡ଼ିଯାଉଥିଲୁ ଜନ ହାସ୍ୟ ଆଳାପନେ,
ପରସ୍ପରେ, ସଖ୍ୟ-ସ୍ୱପ୍ନ ଭରି ଆଖି ପାତ !

ଭୁଲିଥିଲି ଦିନେ ଦିନେ କଲେଜ ପ୍ରାନ୍ତରେ,
ଜ୍ୟୋତିସ୍ମାନେ ଗଳ୍ପୁଥିଲି ଦେଶ, ଦଶ କଥା
ନିଜ ଅନୁଯାୟୀ ଭାଙ୍ଗି ଗଢ଼ିବା ଦେଶରେ
ସ୍ୱାର ନିନ୍ଦା, ତା'ର ସ୍ତୁତି, ପୁଣି ନିଜ ବ୍ୟଥା !

※ ସ୍ୱର୍ଗତ କମ୍ୟୁନିଷ୍ଟ ନେତା ଓ ପ୍ରିୟ ବନ୍ଧୁ ଶ୍ରୀ ଭଗବତୀଚରଣ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ଲିଖିତ ।

Digitized by srujanika@gmail.com

ସ୍ମରିଥିଲ କେବେ ସଖା ସେ ଆଦ୍ୟ ଜୀବନେ,
ରସଘନ ସେ ବୟସେ, ହୃଦୟ ଉଚ୍ଛ୍ୱାସ
ପରସ୍ପର ପ୍ରତି କେତେକେ ଧାଇଁ ଉନମନେ,
ସୃଜିଥିଲା ମିତ୍ରତାର ମଧୁର ବିଶ୍ୱାସ ?

ସ୍ମରିଥିଲ ନିଜ ବନ୍ଧୁ, ମନ ଅଭିମାନ,
ବିଚ୍ଛେଦେ, ଈର୍ଷାରେ କେବା ଅଶ୍ରୁ ବିସର୍ଜନ,
ସବୁ ଚର୍ମଟଳେ ତମ ସଙ୍ଗ ଅନୁଧ୍ୟାନ
ବ୍ୟବଧାନ ପରେ ପୁଣି ସସ୍ମିତ ମିଳନ !

ବହୁଦିନୁ ଭୁଲିଥିଲି, ଆଜି କିନ୍ତୁ ସ୍ମୃତି
ଓଲଟି ଗୃହୁଁକୁ ପଛେ, ଭ୍ରମର ମରଣେ
ଶ୍ଳେଷବଦ୍ଧ କେତେ କଥା ଧରି ନବ ମୂର୍ତ୍ତି
ଅଶ୍ରୁସିକ୍ତ କରୁଛନ୍ତି ମୋ ମନେ, ନୟନେ ।

ଠକିବା ନ ଥିଲା ଧର୍ମ, ଫାଙ୍କିଲ ଯେ ଶେଷେ,
ଆଘାତ ନ ଦେବା ତାରେ ଥିଲା ସହଜାତ,
ଗଲାବେଳେ ଶେଳାଘାତ ହାଣିଲ ବିଶେଷେ,
ସଙ୍ଗଛାଡ଼ି ଏକା ଏକା ଗଲ ନିଜ ବାଟ ।

କେହି ତ ଜାଣନ୍ତି ନାହିଁ କି ଥିଲ ମୋହର
କହିଲେ କି ତମେ ନିଜେ ଯାଆନ୍ତ ବିଶ୍ୱାସ,
କି ପ୍ରସାଦ ଥିଲା ତମ-ପ୍ରଶଂସା, ଆଦର,
କି ଭୋଗ୍ୟ ପ୍ରାଣର ତବ ହାସ ପରିହାସ ।

Digitized by srujanika@gmail.com

ଚଳେଇଛ ନ ପାରୁ ହେଉଁ ଜୀବନ-ସଂଗ୍ରାମ
ପେଷିବାକୁ ହାଡ଼ମୋର ଲାଗିଲା ତ ଟାଣ,
ନୀରବେ ନ ଦେଇ ପାରି ସଖ୍ୟ ଅନେ ଆନ
ଅଧୋମୁଖେ ଧରଥିଲେ ହାତେ ଯେଙ୍କାଚାମ ।

ଭାବିଥିଲ ଚେବେବେଳେ ସ୍ୱରଥାନ୍ତା ସବୁ
ଜୀବନ-ଜଞ୍ଜାଳ ପୁଣି; 'ସ୍ୱଗତ'ର ଦଳ
ମିଳି ମତେ ତୁଙ୍ଗପଣ ଭରନ୍ତେ ଝାପସା ।
ଢମେ କରୁଥାନ୍ତୁ ଚର୍ଚ୍ଚା ଅମ ସଭାଙ୍କର ।

ନ ଭଙ୍ଗୁ ଗଲ ଯେ ଭୁଲ, ଭବ ଅନ୍ଧକାରେ
ଶିଶୁସମ ବସି ଖାଇ ଡାକେ—"ଗଲ ବାନ୍ଧୁ ?
ଜୀବନେ ନ ହେଲ ଅବା;-ଜୀବନ ବାହାରେ
ହେ ମଧୁ—ଦୋଷର ଦେଖା ହେବ ଅବା ନାହିଁ ?"

Digitized by srujanika@gmail.com

ହେ ବନ୍ଧୁ ! *

ସ୍ମୃତିର ସ୍ଫଟିକ-ପାତ୍ରେ ହେ ବନ୍ଧୁ ପରମ,
ଝଲମଲ ହୁଏ ଏକ ଅଶ୍ରୁ ବିନ୍ଦୁ ମମ ।
କେ ତାର ବୁଝିବ ମର୍ମ ? କା ଆଗେ ଢାଳିବି,
ସେ ବିନ୍ଦୁଟି ? କିପରି ବା କି କଥା କହିବି ?
ନ ଯିବେ ପରତେ କେହି । ଜନ ନେବେ ଯାହା
ବନ୍ଧୁ ପଣ, ଆମଠାରେ ନ ଥିଲା ତ ତାହା ।
ତମ ଲାଗି ମୋର ଯେଉଁ ମୂଢ଼ ଆକର୍ଷଣ
ରହିଥାଏ ତେଣୁ ବନ୍ଧୁ, ଅତ୍ୟନ୍ତ ଗୋପନ ।
କାହିଁ ଗଲ ? କାହିଁ ଅଛ ? ସବୁ କି ଭୁଲିଛ,
ଏ ଧରାର ସ୍ନେହ, ମାୟା ? ସବୁ କି ହେ ମିଛ—

---

* ସ୍ୱର୍ଗତ ବନ୍ଧୁ ଭଗବତୀ ପାଣିଗ୍ରାହୀଙ୍କ ଉଦ୍ଦେଶ୍ୟରେ ।

Digitized by srujanika@gmail.com

ପ୍ରାଣବନ୍ତ ସେ ବଚନ, ହାସ, ପରିହାସ,
ଦୁଃଖେ ଦେବା ବନ୍ଧୁଜନେ ସରସ ଆଶ୍ୱାସ,
ସବୁକାଳେ ଜପବୈରାଗ୍ୟ ନିଷ୍ଠା ଉଦ୍ୟମରେ,
ଅନ୍ୟାଯ୍ୟର ଧ୍ୱଂସ ପାଇଁ ସ୍ୱପ୍ନ ମରମରେ,
ବନ୍ଧୁମେଳେ ରସ-ବାକ୍ ସତତ ନିର୍ଘୋର,
ସମସ୍ତଙ୍କ ଠାରେ ଯେଉଁ ବନ୍ଧା ପ୍ରୀତି-ଡୋର ।
ସେ ସବୁ କି ଲୀନ ବନ୍ଧୁ, ମୃତ, ମହାଶୂନ୍ୟେ
ନିଃଶେଷେ ନିଷ୍ଠୁର ମର୍ତ୍ତ୍ୟେ, ସେ ଦିନର 'ତୁମେ' !
ବିଶ୍ୱାସ ନ ହୁଏ ପ୍ରାଣେ, ଏଇ ଯେ ଲେଖୁଛି,
ତମର ସହାସ୍ୟ ମୁଖ ଯେସନେ ଦେଖୁଛି
ସମ୍ମୁଖେ ସଲଜେ ରହ "ଅଛୁ ମୁଁ ଯେ ଏଇ,
ସେହୁ ମୁହିଁ, ଟିକ୍ ସେଇ, ସ୍ଥୂଳ ଦେହ ଯେଇ'।
ଜ୍ୟୋତିର ଶରୀର ଯେନ ବୁଲୁଛି ଆନନ୍ଦେ,
ମେଘେ ମେଘେ, ଚନ୍ଦ୍ରିକାରେ, ପିକ-ଗୀତି-ଛନ୍ଦେ,
ବନେ-ବନେ, ନଦୀ-ତୀରେ, ସିନ୍ଧୁ ସୈକତରେ,
ମଧ୍ୟାହ୍ନର ନିର୍ମଳ ନୀଳ ଆକାଶେ ବିସ୍ତାରେ !
ଏ ସବୁକୁ ଧରି ଧାମେ ଯାଇଥିଲ ଭଲ,
ଜୀବନ-ସଂଗ୍ରାମେ ନାହିଁ ଥିଲା ଅବସର
ଭେଟିବାକୁ ତାହା କିନ୍ତୁ ସମର୍ଥ୍ୟ ଶରୀରେ,
ରୂପ, ଗନ୍ଧ, ଗାନ ବୋଲି କହୁ ଯା ମନ୍ଦିରର
ଅଚିନ୍ତ୍ୟ ମଧୁର ବସ୍ତୁ ସେ ଭୋଗ ସବୁର,
ଆଜି ମୁଁ ଅସ୍ୱାଦ କରି, ପ୍ରମୋଦ-ବିଧୁର !

Digitized by srujanika@gmail.com

ବିଶ୍ୱାସ କରୁନା କବି ?’
କରେ ବା ନ କରେଁ,
ଦଳିତର ସେଟାଟୁଁ କି ସେ ଅନନ୍ଦ ବଳେ ?
ସବୁ ସୁଖ ପିଙ୍ଗି ଦେଇ ଦୁର୍ଗତଙ୍କ ପାଇଁ,
ଯେ ସାଧନା କରୁଥିଲ ନିଜ ରକ୍ତ ଖାଇ,
ସେ ବ୍ରତର ଉଦ୍‌ଯାପନ ହୋଇଛି କି ବନ୍ଧୁ,
ଖସିଛି କି ଅତୀତର ବୋଝ ଶୁଦ୍ର-ସ୍କନ୍ଧୁ ?
ହେ ବ୍ରାହ୍ମଣ, ଶୁଦ୍ର ଲଗି ପିଙ୍ଗି ଉପବୀତ,
ହୋଇଥିଲ ଯେ ଆଦର୍ଶ ସାଥେ ପରିଣୀତ ।
ସେ ଯେ ଦୂରେ,
ସେ ଯେ ଦୂରେ !
ଆଜି ଅଧା ପଥେ,
ଗଲ ଚାଲିଗଲ,
ଆମେ ରହିଁଛୁ ସମସ୍ତେ ।

Digitized by srujanika@gmail.com

ସାଆଁତମା

ନୟନେ ଲୋତକ ହୃଦରେ କରୁଣା
ଦୀନ ଦୁଃଖୀ ପାଇଁ ଜନନୀସମା,
ବଡ଼ ଦେଖି ନାହିଁ ମୁକୁଟ ପିନା ସେ
ଦେବୀ ମୋ ପ୍ରାଣର ସାଆଁତମା ।

ବିଦୁଷୀ, ରୂପସୀ ରୂପେ ମୁଁ ଭେଟିଛି
ନାରୀଙ୍କ ଧସର ଅନେକ ସ୍ଥଳେ
କେବଳ ସେହି ସେ ନିରକ୍ଷରର
ଚରଣ ଧଳି ମୋ' ମଙ୍ଗଳ ମାଗେ ।

କ୍ଷୁଦ୍ର ଗାଆଁର ଦୁସ୍ଥ, ନିଃସ୍ୱନ
ତାହାର ହାତକୁ ଥାଆଁଛି ଚାହିଁ
କ୍ଷୁଦ, ତଣ୍ଡୁଳ ନା' ମିଳେ ତା ହାତୁଁ
ପୁଲକ ମନେ ନେଉଁଛି ପାଇ ।

Digitized by srujanika@gmail.com

ନିଜେ ସେ କିନ୍ତୁ   ମୂର୍ତ୍ତି ଦୈନ୍ୟ,
ପ୍ରସବ ଅନେକ, ନିସନ୍ତାନ
ସ୍ୱାମୀ ଗହ୍ୱରବ   ଜାଣି ନ ଜାଣିଛି,
ବିଧବା କରିଛି ବିଧାତା-ବାଣ ।

ତଥାପି ପସରେ   ଛନ୍ଦ ନାହିଁ
ଅଗଣା ଉପନ୍ତ ପସରେ ମାରେ,
ଅଶ୍ରିତ ଜନ   ଅଳ, ଅବୋଲ
ଛତ୍ର ବସ୍ତ୍ର ଖାଇଁ, ନିରତେ ଖେଳ

ପିତା-ମାତା-ହୀନ   ଶୈଶବରୁ ମୁଁ ଯେ
ଜନନୀ ଅଭାବ ଜାଣିନି ଦିନେ
ସାଆନ୍ତ ମା' ମୋ   ଦ୍ୱିତୀୟା ଜନନୀ
ଗରଭ-ଧାରିଣୁ ନୁହଇ ଭିନେ ।

ଜଗତ ଭୁଲିଲି   ବଡ଼ଲୋକ ହେଲି
ଭରମେ ବସନ ମିତ୍ରନ ଜମା
ତଥାପି ଟୁରଇ   ବିଲ୍ଲପନ ଅଳ
'ଖାଇବାକୁ ଦଅ ସାଆନ୍ତ ମା' ।

ପ୍ରବାସେ ବଳାୟେ   ଯାପୁଛି ମୁଁ ଧନ
ଭଗ୍ନ କୁଟୀରେ ଅଛି ସେ ପଡ଼ି,
ପୂର୍ବତନ ମାଟି   ଛାଡ଼ି ନାହିଁ ଯିବ,
ବ୍ୟଥାଟିର ମୋ ବୁଝୁ ମନେ ଗୁମର ।

Digitized by srujanika@gmail.com

ସ୍ତନ କ୍ଷୀର ସବୁ ଜନନୀର ଯାହା
ନେଇ ବଢ଼ାଇଲ ଅଧମେ ଏଥୁ
କି ଦେଇ ସୁଝିବ ଏତେ ତବ ଋଣ ?
କି ପାରେ ଅଧମ ଜୀବନ ଦେଇ ?
ଜନନୀର ସ୍ନେହ ଅସୀମ ଧରାରେ,
ପୁତ୍ରର ମଥା ନଅଇଁ ସେଥି,
ଜୀବନେ ଜୀବନେ ତମ ପାଦ ଧୂଳି
ଦଅ ସାର୍ଥ ନ ମା କପାଳେ ଲେଖି ।

Digitized by srujanika@gmail.com

ହେ ନଟ-କୁମାର

ବନ୍ଧୁର ଶଇଳ-ସ୍ତରେ ଜନ୍ମ ଗଡ଼ଜାତ
                    ଭୁଲେ ନାଚ ଗୀତ,
ବହୁଳ; ବିମୁଗ୍ଧ, ମତ୍ତ ନିଜ ତୌର୍ଯ୍ୟତ୍ରିକେ
ଅବଗମ ନୃତ୍ୟ-ଗତି, ନ ଥାଉ ସାକ୍ଷୀ କେ।

ତାହାରଠୁଁ ଶିଖିଥିଲ ସବୁ ସେ ବିଳାସ
                    ନିଜ ଅଙ୍ଗେ ଦୃଷ୍ଟି ନିଜ ସ୍ୱସ୍ତ,
ହେ ଶୁଚିଭଦ୍ର ରାଜପୁତ୍ର, କମନୀୟ ହସ୍ତ ପଦ ତବ
ବ୍ୟସନେ ନ ମାତ ଚେଣ୍ଡୁ ଜଳ ରୂପ-ତରଙ୍ଗ ସମ୍ଭବ।

---

† ଢେଙ୍କାନାଳର ବିଖ୍ୟାତ ନୃତ୍ୟ-ଶିଳ୍ପୀ ରାଜକୁମାର
ଶୁଭେନ୍ଦ୍ରଙ୍କ ଉଦ୍ଦେଶ୍ୟରେ।

Digitized by srujanika@gmail.com

ଏ ନଗ୍ନ ବାସ୍ତବ ଧରା, ଶୁଷ୍କ ଅଟେ ମାଟି ଧୂଳି ମାତ୍ର
କୃତ୍ରିମ ଚରମ ଯେତେ ତା'ର ପାଇଁ ଗଢ଼ା ମନ, ଗାତ୍ର;
ଚେଚେଧନ ଏ କୃତ୍ରିମ ଧରା
ଝଣି ରଙ୍ଗ ସଂବଧାନ୍ତ୍ରା, ତମ ଶବ୍ଦେ ନର୍ତ୍ତନ-ଉଚ୍ଛଳା ?

ଜ୍ୟୋତିର୍ମୟ ରକ୍ତେ ଯହିଁ ମଣ୍ଡଳେ ମଣ୍ଡଳେ
ଲାଗିଅଛି ନୃତ୍ୟ ଲୀଳା ବସ୍ତୁ ନେଇ ତଳେ,
ଯେ ନୃତ୍ୟର ଛନ୍ଦେ ଛନ୍ଦେ କୋଟି କୋଟି ଧରା ଏହିପରି
ଯାଉଛନ୍ତି ମହାବ୍ୟୋମେ ସୃଷ୍ଟି ସ୍ଥିତି ନାଶ ଧର୍ମେ ଝୁରି
ସେହି ଯେ ଭ୍ରମର ସ୍ଥାନ, ନୃତ୍ୟଶୀଳ ହେ ରାଜ କୁମାର
ତେଣୁ ଏତେ ଭୂରନ୍ତରେ ଗଲ ଛାଡ଼ି ଏ ମର୍ତ୍ତ୍ୟ ସଂସାର ।

ଛାଡ଼ି ଚାଲି ଯାଇଅଛ ସ୍ମୃତି
ମାଟି ଦେହ ହୋଇ ପାରେ କେତେକ ରୂପ-ଲକ୍ଷ୍ମୀର ଜାଗୃତ,
ବିନା ମେଘେ କେତେକ ଭୋଗ ହୋଇପାରେ ନୃତ୍ୟ ବରଷାର
ଚନ୍ଦ୍ରଘଟା-ରୂପ କେତେକ କଳ୍ପ ସର୍ଗେ ପୀରତ-ଅସ୍ଥିର ।

ମନ୍ଦାକିନୀ ଖେଳାଇ ଡାକ ନେଲ ତବ ଯୋଗ୍ୟ ଥାନେ
ଭୂତଳର ନାଟ୍ୟ-ସ୍ଥଳ ଶୂନ୍ୟ ଆଜି ସେହି ଅଭିମାନେ ।

Digitized by srujanika@gmail.com

ଉତ୍ତିଷ୍ଠ ଉତ୍କଳ ✻

ଉଠରେ ସୁପ୍ତ ଜାତି,
ନିଦ୍ରା ବଶ୍ରେର ଦେଖି ତୋ ପଡ଼ୋଶୀ
ନେବେ ତୋ ଅଙ୍ଗ କାଟି ।
ଉତ୍ତରେ ଅଛି ଚତୁର ବଙ୍ଗ,
ଦକ୍ଷିଣେ ରହୁଛି ଠାକି ତେଲଙ୍ଗ,
ଗୃଧ୍ର ସମାନ ଖୁଂଟିବେ ଅଙ୍ଗ
ନେବେ ଆନନ୍ଦେ ବାଂଟି,
ଜୀବନଟା ଯଦି ଖାଲି ଶୁହୁଁ, ଅଛି,
ଉଠରେ ସୁପ୍ତ ଜାତି ।

✻ ଏହି କବିତାଟି ଖୁବ୍ ସମ୍ଭବତଃ ଓଡ଼ିଶାର ସୀମା ନିର୍ଦ୍ଦେଶ ପାଇଁ ଓଡ଼ୋନେଲ୍ କମିଟି ବସିଥିବା ବେଳେ ଲେଖା ହୋଇଥିଲା ଓ ବୋଧହୁଏ 'ଆଶା' କାଗଜରେ ପ୍ରକାଶିତ ହୋଇଥିଲା ।

Digitized by srujanika@gmail.com

ସବୁ ତ ଯାଉଛନ୍ତି ମାଟି ତଳେ ମିଶି
ରାଜ୍ୟ ଓ ଇତିହାସ
ପଣ୍ଡୁ ଖାଲି ଅଛି 'ଅସଭ୍ୟ' ବୋଲି
ଜଗତର ପରିହାସ
ଚେଙ୍ଗିସ-ରକ୍ତ ଅଛି ମିଳଣ ଯଦି
ଧରଇ ତୋହର ଗାତ୍ର,
ହେଲା ତୋ ଦେଶର ନିଦ୍ରା ତ ଆଗେ
ସୁପ୍ତ ଓଡ଼ିଆ ଜାତ ।
ଇତିହାସ କହେ ସତ୍ୟ,
ଗଙ୍ଗା କୂଳରୁ ଗୋଦାବରୀ ଯାଏ
ଥିଲା ଉତ୍କଳ ଧରା ?
ଶିଳା ଚିତ୍ର-ମନ୍ଦ-ରତ୍ନାଙ୍କିତ,
'ଜୟ-ଗଜପତି-ଜୟ'-ଗର୍ଜିତ,
ଓଡ଼ିଆ ପାଇକ-ଶସ୍ତ୍ର-ସଜ୍ଜିତ,
ସ୍ୱର୍ଣ୍ଣ-ଶସ୍ୟ-ଭରା ।
ଆଜିର ହତଶ୍ରୀ ଜାତି ଚାହିଁ ଆଜି
ସେ ନୟ ଉତ୍କଳ ଧରା ?
କାପୁରୁଷ ମରି ଦେଖିଲୁ ନେବାର
ଏଠିଙ୍କ ଏବେ ପ୍ରବାସୀ
ଟେପେନ୍ଦ୍ରିକ ଭୂମି; ଦୁର୍ବଳ ଦେଖି
ପଶିଲେ ଭିନ୍ନ-ଭାଷୀ ।
ତବେ ନ ପଶୁର ସ୍ୱଳ୍ପ ତୋହର
ଢୋଇଛନ୍ତି ଅଙ୍ଗା-ଗଢ଼ା,
ଆଜି କାପୁରୁଷ, ଭାଙ୍ଗିବେ ନିଦ
ସୁଯୋଗ ଅସିଛି ପର ?

Digitized by srujanika@gmail.com

ତୋହର ଅନ୍ନ ପାଇଁ
କେତେ କାଳ ଧରେ ଅଞ୍ଚଳ ପାତି
ତୋର ମୃଷେ ଥିଲେ ଗୃଦ୍ଧ ।
ତେବେ ପୁଣି ଆଜ ଦୁଅରେ ଦୁଅରେ
ବୁଲିବାକୁ ହେଲା; ଏଠାରେ ତାହାରେ
ମାଗିବାକୁ ହେଲା; ଖୋଜ ତୋ ଆହାର
ରାଜ୍ୟ ବାହାରେ ଯାଇ !
ଏତେ ଅପମାନ କେ ସହେରେ ପୁଣି
ମନୁଷ୍ୟ ଜୀବ ପାଇ ?
ଏକ ଦିନ ଯେ ରେ ଅଛଥିଏ ତୋର
ମଣିଲେ ନିଜକୁ ଧନ୍ୟ,
ଦାନ୍ତ ଦେଖାଇ ସେହୁ ଆଜ କହେ
‘ଉଡ଼େ’ ‘ଅସଭ୍ୟ’ ‘ବନ୍ୟ’ ।
ରାଜ୍ୟ ଯାଉଛି, ସଜ୍ଞା ତ ଯାଉଛି
ଇତିହାସ ଅଛୁ ଯାଇ,
ତା ବୋଲିକି ନିଜ ଇଜ୍ଜତ ତୋ'ର
ହାତରେ ରଖିବୁ ନାହିଁ ?
ଇଜ୍ଜତ ରଖ ତୋର
ତଭାଙ୍କ ହୋଇ ଉଠରେ ଓଡ଼ିଆ
ଗମ୍ଭୀର ନିଦ୍ରା-ଭୋଳ ।
ସମ୍ବଲପୁର ତାକୁ ଗଞ୍ଜାମେ
ସେ ଡାକ ଉଦ୍ରେ ସିଂଭୂମ୍ ଧାମେ
ଜୟପୁର ଅରୁ ଜନନୀର ନାମେ
ଯାଉ ଦେଶେ ଉଠୁ ରୋଳ,
ହାତ ଧରାଧର ଟିଏ ହୋଇ ଥରେ
‘ଜୟ ଉତ୍କଳ’ ବୋଲ ।

Digitized by srujanika@gmail.com

ଦେଖିବା କେ ଅନ୍ଧ ବଳୀୟାନ ଯବେ
ନେତେ ଜଳିଲ ବାତି,
ସ୍ୱରୀ-ପରମାଣ-ଭୂମି ଲଗି ଦେବ
ରକ୍ତର ଏଇ ମାଟି ।
ଖାଲ୍ ଛଠେ ପଡ଼ ଏକାଟି ତୁଅରେ
ଗମ୍ଭୀର ନିଦ୍ରା-ଦୋଳ,
ସବୁ ଛ ନ ଉଚ୍ଚ ନିଜ ପଟେ ନିଜ
ଉଚ୍ଛଳ ରକ୍ତ ଢୋର ।

Digitized by srujanika@gmail.com

ରାଧାନାଥ

ଉତ୍କଳର ନଦୀ, ବଣେ, ହ୍ରଦେ, ଗିରିମାଳେ
ଯେ ରୂପ ନ ସୃଷ୍ଟି ତାହା ଲେଖନୀର ଗାରେ
ଥିଲା ରୁଦ୍ଧ ଯୁଗ ଯୁଗ ମୌନ ଅଭିମାନେ
ମୁକ୍ତି ସେ ପାଇଲା, ରାଧାନାଥ, ତବ ଗାନେ ।

Digitized by srujanika@gmail.com

ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଶ୍ୟାମ-ଶିଖରୀ-ଶିର   ସିନ୍ଧୁ ବିଧୌତା
ପାବନ-ନଦ-ନଦୀ-ତରଙ୍ଗ-ଧୌତା
ଶବଳିତ ସୁନ୍ଦର ଧରଣୀ
ବନ୍ଦେ ଉତ୍କଳ ଜନନୀ ।

ମନ୍ଦିରମୟୀ ତବ କପୋଳ ତଳେ
କେତେ ଶତ ବର୍ଷର କାହାଣୀ ଝଳେ,
କେତେ ଇତିହାସ ହେଲା ନୟନ ତଳେ
ଯେ ପଣ୍ଡୁ ଜଗତେ ତାର ସ୍ମରଣୀ,
ବନ୍ଦେ ଉତ୍କଳ ଜନନୀ ।

Digitized by srujanika@gmail.com

ତବ ପୋତ ଶତ ଦିନେ ନୀଳ ସାଗରେ
ତବ ସଭ୍ୟତା ଦୂର ଦେଶ ନଗରେ
ବୋହି ନେଲା । ସେହି ଗୌରବ-ଗରବେ
ରଞ୍ଜିତ ଶତ ଦେଶ, ଦ୍ୱୀପ ଆଦ୍ୱାଣୀ
ବନ୍ଦେ ଉତ୍କଳ ଜନନୀ ।

ତୋର ମନ୍ଦିରେ କେତେ ସାଧକ ଅସି
ମୁକ୍ତି ଖୋଜିଲେ ଛାଳ ବାସନା ନାଶି,
ଧର୍ମର ଜ୍ୟୋତି ତୋ ବେଳାରୁ ଭାସି
ପ୍ଲାବିତ କରନ୍ତି କେତେ ଭୂମି ଜନନୀ,
ବନ୍ଦେ ଉତ୍କଳ ଜନନୀ ।

ଜାହ୍ନବୀ ଗୋଦାବରୀ ସେବିଲେ ଦିନେ
ପଦ ତୋର ଉତ୍ତରେ ପୁଣି ଦକ୍ଷିଣେ,
ଯେ ଦେଶେ ଗଲେ ତୋ ପୁତ୍ର, ସେ ଦେଶ ଜିଣେ,
ବିଜୟ-ବାହିନୀ ତୋର ସରଣୀ
ବନ୍ଦେ ଉତ୍କଳ ଜନନୀ ।

ସଜା ତୋର ରଞ୍ଜିଲ ଶ୍ୟାମଳ ଭୂଇ
ରଣ ରକ୍ତ ମଧୁର ମୁକୁଟ ଜାଲ
ଜଗତେ ବାନ୍ଧିଛି ଚନ୍ଦ୍ର ଭୂଷଣା ହାର,
କଳାବତୀ ଉତ୍କଳ ଧରଣୀ
ବନ୍ଦେ ଉତ୍କଳ ଜନନୀ ।

Digitized by srujanika@gmail.com

ସେଦିନ ସେ ଗଉରବ ନାହିଁ ମା ଆଉ
ଖଡ଼ଗ ଧରଇ ନାହିଁ ଓଡ଼ିଆ ବାହୁ,
ନ ଆସେ ଓଡ଼ିଆ ରାଜା ରଇସେ କାହୁଁ
ମୁଗଲର ବଳ ତୋର ସରଣୀ
ବନ୍ଦେ ଉତ୍କଳ ଜନନୀ ।
ସେ କାଳ ଆସିବ ଆଉ ଫେରକି ଥରେ;
ବୋଇତ ଭାସିବ ପୁଣି ନୀଳ ସାଗରେ
ଗୋଦାବରୀ-ଜାହ୍ନବୀ ଧୋଇବେ ଜଳେ
ପୁଣି ଏଥି ଶାଳ-ନୀଳ-ଧବଳା ଧରଣୀ ।
ବନ୍ଦେ ଉତ୍କଳ ଜନନୀ ।

Printer—B. Misra, Nababharat Press, Cuttack
1948—3000

Digitized by srujanika@gmail.com